■ ମାଲକାନଗିରି ଜିଲ୍ଲା ଓକିଲ ସଂଘର ନିର୍ବାଚନ

# ପ୍ରୀତପାଲ ସିଂ ସଭାପତି, ବିଜୁ ସରକାର ସମ୍ପାଦକ



**ମାଲକାନଗିରି,୩୦।୩(ସମିସ):** ମାଲକାନଗିରି ଜିଲ୍ଲା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନ ପ୍ରକ୍ରିୟା ସକାଳ ୮ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ମୋଟ୍ ୧୨୬ଜଣ ଆଇନଜୀବୀ ମତଦାନ କରିଥିଲେ। ଏହାପରେ ଅପରାହ୍ଣ ୪ଟାରେ ଭୋଟ୍ ଗଣତି କରାଯାଇଥିଲା। ଏ ସମସ୍ତ ନିର୍ବାଚନ ପ୍ରକ୍ରିୟା ସଂଘର ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ଜସେଫ ଜେମ୍ସ ଓ ସହକାରୀ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ରଞ୍ଜିତ ସାନା ପରିଚାଳନା କରିଥିଲେ। ନିର୍ବାଚନରେ ସଂଘର ନୂତନ ସଭାପତି ଭାବେ ପ୍ରୀତପାଲ ସିଂ ନିର୍ବାଚିତ ହୋଇଥିବାବେଳେ ଉପସଭାପତି ଭାବେ ତାପସ କୁମାର ନାଥ ଓ ସମ୍ପାଦକ ଭାବେ ବିଜୁ ସରକାର ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସଂଘର ସହ ସମ୍ପାଦକ ଭାବେ ହୃଷୀକେଶ ପଣ୍ଡା, ସହାକାରୀ ସମ୍ପାଦକ ଭାବେ ଭବତୋଷ ବିଶ୍ୱାସ, ହେମନ୍ତ କୁମାର ରାଜୁ, କୈଳାସ ଚନ୍ଦ୍ର ପଟ୍ଟନାୟକ, ସରୋଜ କୁମାର ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ହିରୋଜ ପାଣିଗ୍ରାହୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

# ଏପ୍ରିଲ୍ ୩ରୁ ଧୋଡ୍ରା ମଣ୍ଡେଇ ଯାତ୍ରା



**ଧୋଡ୍ରା,୩୦।୩(ସମିସ):** ଆସନ୍ତା ଏପ୍ରିଲ ୩ରୁ ଧୋଡ୍ରାଠାରେ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହେବ। ମଣ୍ଡେଇ ଯାତ୍ରା ଦିନ ଧାର୍ଯ୍ୟ ନିମନ୍ତେ ଧୋଡ୍ରା ହାଟ ପଡ଼ିଆ ମଧ୍ୟରେ ଆଦିବାସୀଙ୍କ କୂଳ ଦେବତାଙ୍କୁ ଶନିବାର ଆବାହନ କରାଯାଇଥିଲା। ଆଦିବାସୀଙ୍କ ପାରମ୍ପରିକ ବାଦ୍ୟ ଢୋଲ, ମହୁରୀର ତାଳରେ ଦେବତାଙ୍କୁ ପୂଜକ ଭଗବାନ ପୂଜାରୀ ଆବାହନ କରିଥିଲେ। ଏହି ଅବସରରେ ମଣ୍ଡେଇ ଯାତ୍ରା କମିଟିର ସଭାପତି ସଭାପତି ଭାବେ ଧୋଡ୍ରା ସରପଞ୍ଚ ମହେନ୍ଦ୍ର ଭତ୍ରା, କାର୍ଯ୍ୟକାରୀ ସଭାପତି ଅରୁଣ ପନକା, ସମ୍ପାଦକ ହେମନ୍ତ ପଲାଇ, ସହ ସମ୍ପାଦକ ଅମର ସିଂ ଭତ୍ରା, କୋଷାଧ୍ୟକ୍ଷ କେଦାର ନାଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବସମ୍ମତି କ୍ରମେ ଆସନ୍ତା ଏପ୍ରିଲ୍ ୩ରୁ ୬ ତାରିଖ ପର୍ଯ୍ୟନ୍ତ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହେବା ନେଇ ଦିନ ଧାର୍ଯ୍ୟ କରାଯାଇଥିଲା। ସୂଚନା ମୁତାବକ, ଅବିଭକ୍ତ କୋରାପୁଟ ଜିଲ୍ଲାରେ ଧୋଡ୍ରା ମଣ୍ଡେଇ ଯାତ୍ରାର ଡାକ ରହିଛି। ୪ ଦିନ ଧରି ଅନୁଷ୍ଠିତ ହେଉଥିବା ମଣ୍ଡେଇ ଯାତ୍ରା ସମୟରେ ଆଦିବାସୀମାନେ ବର୍ଷକ ଯାକର ଘରକରଣା ସାମଗ୍ରୀ ସୁଲଭ ମୂଲ୍ୟରେ କିଣିଥାନ୍ତି।

# ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



**କୋରାପୁଟ,୩୦।୩(ସମିସ):** ସ୍ଥାନୀୟ ସଲମନଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରଶିକ୍ଷିକା ଭାବେ ସୁଭଦ୍ରା ଭଞ୍ଜ ଓ ପ୍ରୀତିରାଣୀ ଖୋସଲା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାଳିକାମାନେ କେମିତି ଆକସ୍ମିକ ଆକ୍ରମଣରୁ ନିଜକୁ ସୁରକ୍ଷିତ କରି ରଖିପାରିବେ ସେ ସମ୍ବନ୍ଧରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ବାଳିକାମାନଙ୍କୁ ଆତ୍ମରକ୍ଷା ନିମନ୍ତେ ସହାୟକ ନମ୍ବର ପ୍ରଦାନ କରାଯାଇଥିଲା। ବାଳିକାମାନଙ୍କୁ ଆତ୍ମରକ୍ଷାର କୌଶଳ ଶିକ୍ଷା ଦିଆଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ କୁମାର ମଲିକ ଶିବିରର ପରିଚାଳନା କରିଥିବାବେଳେ ମନୋଜ କୁମାର ସିହ୍ନା ସହଯୋଗ କରିଥିଲେ।

ପ୍ରଶାସନିକ ଅବହେଳା

# ପୌର ପରିଷଦ ହାତରୁ ଚାଲିଗଲା ୧୦ କୋଟିର ଜମି

**କୋରାପୁଟ,୩୦।୩(ସମିସ)**




ସରକାରୀ ବାବୁମାନଙ୍କ ଅବହେଳା ଯୋଗୁଁ କୋରାପୁଟ ପୌର ପରିଷଦ ସହର ଉପକଣ୍ଠରେ ନିଜ ନାମରେ ଥିବା ପ୍ରାୟ ୧୦ କୋଟି ଟଙ୍କାର ଜମି ହରାଇଛି। ଅଦାଲତରେ ଠିକ୍ ଭାବେ ନିଜ ପକ୍ଷ ରଖି ନ ପାରି ଉକ୍ତ ଜମିକୁ ହାତଛଡ଼ା କରିଥିବା କୁହାଯାଉଛି। କୋରାପୁଟ ରାଣୀଗଡ଼ ରାସ୍ତାର ଗାନ୍ଧୀ ନଗର ନିକଟ ଏକ ଘରୋଇ କଲେଜ ସମ୍ମୁଖରେ ଥିବା ୪ ଏକର ୯୪ ଡେସିମିଲ ଜମି ମ୍ୟୁଟେସନ କେସ ନମ୍ବର ୧୮୪/୬୬ ଅନୁସାରେ ୧୯୬୬ ମସିହାରୁ କୋରାପୁଟ ପୌର ପରିଷଦ ନାଁରେ ପଟ୍ଟା ରହିଛି। ହେଲେ ଆନ୍ଧ୍ର ପ୍ରଦେଶ ସାଲୁର ସହରର ପି. ନାଗେଶ୍ୱର ନାମକ ଜଣେ ବ୍ୟକ୍ତି ୧୫୦ ଟଙ୍କାରେ ପୂଜାରୀ ଯାନୀଙ୍କଠାରୁ ୧୯୪୩ ମସିହାରେ କ୍ରୟ କରିଥିବା ଏକ ସେଲ୍ ଡିଡ୍ ଦେଖାଇ ନିଜର ଜମି ବୋଲି ଦାବି କରିବା ସହିତ ବିଭିନ୍ନ କୋର୍ଟରେ ଆଶ୍ରୟ ନେଇ ଶେଷରେ ଉଚ୍ଚ ନ୍ୟାୟାଳୟରେ ଜିତିଥିବା ସୂଚନା ମିଳିଛି। ତେବେ ପୌର ପରିଷଦ ପକ୍ଷରୁ ବରିଷ୍ଠ ଆଇନଜୀବୀ ତଥା ଅବସରପ୍ରାପ୍ତ ବିଚାରପତି ଇନ୍ଦ୍ରଜିତ ମହାନ୍ତି ଗତ ୨୨ ତାରିଖରେ ସର୍ବୋଚ୍ଚ ନ୍ୟାୟାଳୟ ନିକଟରେ ସ୍ପେସିଆଲ ଲିଭ ପିଟିସନ ପାଇଁ ଗୁହାରି କରିଥିଲେ ସୁଦ୍ଧା ଉଚ୍ଚ ନ୍ୟାୟାଳୟ ଖାରଜ କରିଥିବା ଜଣାପଡ଼ିଛି।

ପ୍ରାପ୍ତ ସୂଚନା ଅନୁସାରେ, ଉକ୍ତ ଜମି ଗତ ଦଶନ୍ଧି ଧରି ପୌର ପରିଷଦ କର୍ତ୍ତୃପକ୍ଷ ନିଜର ଜମି କହି ମାଲିକାନା ବୋର୍ଡ ଲଗାଇବା ସହିତ ସମ୍ପୃକ୍ତ ଘରୋଇ କଲେଜକୁ ରାସ୍ତା ପାଇଁ କିଛି ଜାଗା ପ୍ରଦାନ କରିଥିଲେ। ଏହି ଜମି ଉପରେ ଉଭୟେ ପି. ନାଗେଶ୍ୱର ଓ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ କୋରାପୁଟ ସବ ଜଜଙ୍କ ଆଶ୍ରୟ ନେବା ପରେ ପୌର ପରିଷଦ ବିପକ୍ଷରେ ରାୟ ଆସିଥିଲା। ତେବେ ପୌର ପରିଷଦ କୋରାପୁଟ ଅତିରିକ୍ତ ଜିଲ୍ଲା ଜଜ୍ ନିକଟରେ ଅପିଲ କରିବା ପରେ ୨୦୧୮ରେ ପୌର ପରିଷଦ ସପକ୍ଷରେ ରାୟ ଦେଇଥିଲେ। ପରବର୍ତ୍ତୀ ସମୟରେ ମାଲିକାନା ଦାବି କରି ଅପରପକ୍ଷରେ ଉଚ୍ଚ ନ୍ୟାୟାଳୟରେ ଅପିଲ କରିବା ପରେ ପୌର ପରିଷଦ ନିକଟରେ ଆବଶ୍ୟକ ନଥିପତ୍ର ନ ଥିବା ଦର୍ଶାଇ ଜମି ମାଲିକ ପି. ନାଗେଶ୍ୱରଙ୍କ ସପକ୍ଷରେ ରାୟ ଦେଇଥିବା କହିଛନ୍ତି ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ମୁତ୍ୟାଲୁ ରାଓ। ତେବେ ସୂଚନା ଅନୁସାରେ, ୧୯୬୬ ମସିହାରେ ପୌର ପରିଷଦ ନାଁରେ ପଟ୍ଟା ଥିଲେ ମଧ୍ୟ ତତ୍ ସମ୍ବନ୍ଧୀୟ କେସ୍ ରେକର୍ଡ ନାହିଁ। ଯାହା ଫଳରେ ନ୍ୟାୟାଳୟରେ ଜମିର ଚୌହଦି ଦର୍ଶାଇବା ନିମନ୍ତେ ଆବଶ୍ୟକ କାଗଜପତ୍ର ନାହିଁ। ଫଳରେ ପୌର ପରିଷଦ ବିପକ୍ଷରେ ଅଧିକାଂଶ ରାୟ ଦିଆଯାଇଛି। ଅନ୍ୟପଟେ ପି. ନାଗେଶ୍ୱର ଘରୋଇ କଲେଜ ସମ୍ମୁଖରେ ଥିବା ଜମିକୁ ନିଜର ଦାବି କରିଛନ୍ତି। ଏହାର ଚୌହଦିରେ ଶ୍ମଶାନ, ରାଣୀଗଡ଼ ରାସ୍ତା ଓ ପଦାଜାମ ନାଳ ଉଲ୍ଲେଖ ରହିଛି। କିନ୍ତୁ ଏହି ଚୌହଦିର ସ୍ଥାନ କିନ୍ତୁ ଗାନ୍ଧୀ ନଗର ସ୍ଥିତ ଟିଡିସିସି ଗୋଦାମ ନିକଟରେ ରହିଥିବା କିଛି ବ୍ୟକ୍ତି ମତ ପ୍ରକାଶ କରିଛନ୍ତି। ପୌର ପରିଷଦ ନିଜର ପଟ୍ଟା ବ୍ୟତୀତ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର କାହିଁକି ଉପସ୍ଥାପନ କରି ପାରିଲା ନାହିଁ କିମ୍ବା ତହସିଲ କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧି କାହିଁକି ନାହିଁ, ଏହି କାଗଜପତ୍ର କିପରି ଉଭାନ ହେଲା ନା ନେତା କିମ୍ବା ଅଧିକାରୀଙ୍କ ନିର୍ଦ୍ଦେଶରେ କେହି ଗାଏବ କରିଦେଲେ ତାହାକୁ ନେଇ ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ମଧ୍ୟ ମୌନ କାହିଁକି ବୋଲି ପ୍ରଶ୍ନ ଉଠିଛି।

■ ଜିଲ୍ଲା ଖାଉଟି ଅଦାଲତରେ ନିମ୍ନମାନର ଟିଭି ବିକ୍ରି ଅଭିଯୋଗ

# ସାମ୍‌ସଙ୍ଗ କମ୍ପାନୀକୁ ନୋଟିସ୍ ଓ ୭୦,୭୦୦ ଟଙ୍କା ଜରିମାନା

**ମାଲକାନଗିରି,୩୦।୩(ସମିସ):** ନିମ୍ନମାନର ଟିଭି ଗ୍ରାହକକୁ ବିକ୍ରି ଅଭିଯୋଗରେ ଜିଲ୍ଲା ଖାଉଟି ଅଦାଲତ ପକ୍ଷରୁ ସାମସଙ୍ଗ କମ୍ପାନୀକୁ ନୋଟିସ ଜାରି କରିବା ସହିତ ୭୦ ହଜାର ୭୦୦ ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ସଦରମହକୁମାସ୍ଥ କୁମୁଟିଗୁଡ଼ା ସାହିର ଓକିଲ ରାମ ପ୍ରସାଦ ପଟ୍ଟନାୟକ ୨୦୧୯ରେ ଓମ୍ ପ୍ରୋପାଇଟର କ୍ୱାଲିଟି ଷ୍ଟୋରରୁ ସାମସଙ୍ଗ କମ୍ପାନୀର ୪୩ ଇଞ୍ଚର ଏକ ଏଲଇଡି ଟିଭି ୫୨ ହଜାର ୭୦୦ ଟଙ୍କାରେ କ୍ରୟ କରିଥିଲେ। ଟିଭିଟି ୫/୬ ମାସ ପରେ ଖରାପ ହୋଇଯାଇଥିଲା। ବାରମ୍ବାର ମରାମତି କଲାପରେ ମଧ୍ୟ ଟିଭି କାମ କରି ନ ଥିଲା। ତେବେ ସେହି ସମୟରେ କୋଭିଡ୍ ଭୟଙ୍କର ରୂପ ନେଇଥିବାବେଳେ ଟିଭିଟି ଅକାମି ହୋଇ ରହିଥିଲା। ଏନେଇ ଶ୍ରୀ ପଟ୍ଟନାୟକ ୨୦୨୩ରେ ମାଲକାନଗିରି ଜିଲ୍ଲା ଖାଉଟି ଅଦାଲତରେ ସାମସଙ୍ଗ କମ୍ପାନୀ ଓ ଦୋକାନ ଉପରେ ମୋକଦ୍ଦମା କରିଥିଲେ। ସେହି ମାମଲାର ବିଚାର କରି ମାଲକାନଗିରି ଖାଉଟି ଅଦାଲତର ଅଧ୍ୟକ୍ଷ ପି.କେ. ପଣ୍ଡା ଓ ସଦସ୍ୟ ସଲମା ବାନୁ ବିଚାର କରି ଟିଭି ବାବଦକୁ ୫୨ ହଜାର ୭୦୦ ଟଙ୍କା, ମାନସିକ ଓ ଶାରୀରିକ ଯନ୍ତ୍ରଣା ପାଇଁ ୧୫ ହଜାର ଓ ଅନ୍ୟାନ୍ୟ ବାବଦକୁ ୩ ହଜାର ଟଙ୍କା ମୋଟ୍ ୭୦ ହଜାର ୭୦୦ ଟଙ୍କା ଜରିମାନା ଦେବାକୁ ରାୟ ଦେଇଥିଲେ। ଆସନ୍ତା ୩୦ ଦିନ ମଧ୍ୟରେ ଗ୍ରାହକଙ୍କୁ ଏହି ଟଙ୍କା ପ୍ରଦାନ ନ କଲେ ମାସକୁ ୧୨% ହିସାବରେ ସୁଧ ଦେବାକୁ ପଡ଼ିବ ବୋଲି ସାମସଙ୍ଗ କମ୍ପାନୀ ନୋଇଡା ଉତ୍ତରପ୍ରଦେଶକୁ ନୋଟିସ୍ ଜାରି କରାଯାଇଥିବା ସୂଚନା ମିଳିଛି।

# ଜିଆଇଇଟିରେ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ

**ଗୁଣୁପୁର,୩୦।୩(ସମିସ):** ଶନିବାର ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଭାଗ ସହଯୋଗରେ ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ କକ୍ଷରେ 'ମେସିନ୍ ଲେର୍ଣ୍ଣିଂ, ଆଇଓଟି ଏବଂ ବିଗ୍ ଡାଟା' ସମ୍ପର୍କିତ ଦୁଇଦିନିଆ ୪ର୍ଥ ଆନ୍ତର୍ଜାତିକ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆଇଆଇଟି ଭୁବେନଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କର୍ମଲକର ଯୋଗଦେଇ ବର୍ତ୍ତମାନ ଯୁଗରେ ଏହାର ଆବଶ୍ୟକତା ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ୟୁନିଭର୍ସିଟି ଅଫ୍ ହାଇଦରାବାଦର ପ୍ରଫେସର ଶିବା କେ ଉଦଘାତା ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ସମ କୁଳାଧିପତି ଏବଂ ସମ୍ମିଳନୀର ସଭାପତି ପ୍ରଫେସର ଡ. ଲଳିତ ମୋହନ ପଟ୍ଟନାୟକ ଯୋଗଦେଇଥିଲେ। କୁଳପତି ଡ. ଏଭିଏନଏଲ ଶର୍ମା ଯୋଗଦେଇ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଭାଗର ଡେପୁଟି ଡିନ୍ ଡ. କେ. ମୁରଲୀ ଗୋପାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ବିଭିନ୍ନ ଗବେଷକଙ୍କ ଦ୍ୱାରା ନିଜର ଗବେଷଣା ଏଥିରେ ଉପସ୍ଥାପନ କରାଯାଇଥିଲା। ଏହି ସମ୍ମିଳନୀ ଉପଲକ୍ଷେ ଗତ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ବିଭାଗୀୟ ହାକଥାନର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଏନ.ଭି .ଜଗନ୍ନାଧା ରାଓ, ସ୍କୁଲ ଅଫ ଇଞ୍ଜିନିୟରିଂର ଡିନ୍ ଡ. ଏ.ବି. ଶ୍ରୀନିବାସ ରାଓ, ପରୀକ୍ଷା ନିୟନ୍ତ୍ରକ ଡ. ପି. ବିଜୟ କୁମାର, ଅଧ୍ୟାପକ ଏସ.ଏନ. ଦାସ, ରଘବେନ୍ଦ୍ର କୁମାର, ବିଭାଗୀୟ ପ୍ରଫେସର, ଆନ୍ତର୍ଜାତିକ ବୈଜ୍ଞାନିକ ପ୍ରକାଶନ ଅନୁଷ୍ଠାନ ସ୍ପିଞ୍ଜର ସମନ୍ୱୟରେ ଆୟୋଜକ ଆଇଜି ଆଇଟି ସାରଙ୍ଗର ଅଧ୍ୟାପକ ଶ୍ରୀନିବାସ ସେଠୀ, ଅଧ୍ୟାପକଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ସମ୍ମିଳନୀ ପୁସ୍ତିକା ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।




# ଡାବୁଗାଁରେ ପୁଲିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ



**ଡାବୁଗାଁ,୩୦।୩(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ ଅଧୀନ ଡାବୁଗାଁ ସରକାରୀ ଏସ୍‌ଏସଡି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ପୁଲିଂ ଅଧିକାରୀମାନଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନ ସମୟରେ ଇଭିଏମ୍ ମେସିନ ପରିଚାଳନା ଓ ନିର୍ବାଚନୀ ସମ୍ବନ୍ଧୀୟ କାଗଜପତ୍ର କାର୍ଯ୍ୟ ପରିଚାଳନା ଉପରେ ତାଲିମ ଦିଆଯାଇଥିଲା। ଏଥିରେ ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଡାବୁଗାଁ, ପାପଡ଼ାହାଣ୍ଡି ଓ କୋଷାଗୁମୁଡ଼ା ବ୍ଲକରୁ ମୋଟ ୨୩୧ ଜଣ ପୁଲିଂ ଅଧିକାରୀ ତାଲିମ ନେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରିଜାଇଡିଂ, ୧ମ ପୁଲିଂ, ୨ୟ ପୁଲିଂ, ୩ୟ ପୁଲିଂ, ୪ର୍ଥ ପୁଲିଂ ଓ ୫ମ ପୁଲିଂ ଅଧିକାରୀମାନଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ଡାବୁଗାଁ ବିଡିଓ ଶରତ ମାଝି, ତହସିଲଦାର ହରିଓମ ଭୋଇ, ଏବିଡିଓ ପଦ୍ମନାଭ ତ୍ରିପାଠୀ, କୋଷାଗୁମୁଡ଼ା ବିଡିଓ ଆଶିଷ ରଞ୍ଜନ ତ୍ରିପାଠୀ, କୋଡିଗାଁ ତହସିଲଦାର ସୁବ୍ରତ ବେହେରା, ପାପଡ଼ାହାଣ୍ଡି ବିଡିଓ କପିଳଦେବ ସାହୁ, ତହସିଲଦାର ତପନ ନାୟକ, ଡାବୁଗାଁ ବ୍ଲକ୍ ସହକାରୀ ଯନ୍ତ୍ରୀ ଆନନ୍ଦ କୁମାର ମଣ୍ଡଳ, କୋଡ଼ିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅଖିଳ କୁମାର ଭଟ୍ଟ, ଅଧ୍ୟାପକ ପଞ୍ଚାନନ ତୁରୀ, ରବିନାରାୟଣ ପାଣିଗ୍ରାହୀ, ମୈଦଲପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ବାଳକୃଷ୍ଣ ବିଶୋଇ ପ୍ରମୁଖ ତାଲିମ ଦେଇଥିଲେ। ଡାବୁଗାଁ ବ୍ଲକ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ପର୍ଶୁରାମ ମାଳୀ ପରିଚାଳନା କରିଥିବାବେଳେ ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ।

# ପ୍ଲାଷ୍ଟିକ୍‌ମୁକ୍ତ ବିଦ୍ୟାଳୟ ଗଠନ ନେଇ ଶପଥପାଠ

**ଉମରକୋଟ,୩୦।୩(ସମିସ):** ରାଜ୍ୟ ସରକାରଙ୍କ ପରିବେଶ ଅଧ୍ୟୟନ କେନ୍ଦ୍ର ପକ୍ଷରୁ ପ୍ଲାଷ୍ଟିକମୁକ୍ତ ବିଦ୍ୟାଳୟ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୨ ବେସରକାରୀ ଓ ୨ ସରକାରୀ ବିଦ୍ୟାଳୟ ଏହି ଅଭିଯାନରେ ସାମିଲ ହୋଇଛି। ପ୍ଲାଷ୍ଟିକମୁକ୍ତ କରିବା ଓ ପ୍ଲାଷ୍ଟିକ ବ୍ୟବହାରର କୁପରିଣାମ ସମ୍ପର୍କରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ଚିକଲପଦର ସ୍ଥିତ ଦଣ୍ଡକାରଣ୍ୟ ଆଦର୍ଶ ବିଦ୍ୟାଳୟଠାରେ ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ଜଳବାୟୁ ପରିବର୍ତ୍ତନ ବିଭାଗ ସିଇଏସ୍ ଭୁବନେଶ୍ୱରଙ୍କ ସହାୟତାରେ ୪ ଜଣିଆ ପରିବେଶବିତ୍ ବିଦ୍ୟାଳୟରେ ପହଞ୍ଚିଥିଲେ। ପ୍ଲାଷ୍ଟିକ୍ ବ୍ୟବହାର ଦ୍ୱାରା ହେଉଥିବା ବିଭିନ୍ନ ପ୍ରକାର କ୍ଷତି ଏବଂ ପରିବେଶ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଶିବିରରେ ଡ. ରାଜେଶ କୁମାର ମହନ୍ତ, ସୁଶାନ୍ତ ଲେଙ୍କା, ସୁଶାନ୍ତ ସାହୁ ଓ ସତ୍ୟବ୍ରତ ଦାସ ଯୋଗଦେଇଥିଲେ। ଇକୋ କ୍ଲବର ଟ୍ରେନର ତଥା ପରିବେଶବିତ୍ ଡ. ପ୍ରଦୀପ କୁମାର ମିଶ୍ର ବିଦ୍ୟାଳୟକୁ ପ୍ଲାଷ୍ଟିକମୁକ୍ତ କରିବା ସମ୍ପର୍କରେ ଆଲୋକପାତ କରିଥିଲେ। ଦଣ୍ଡକାରଣ୍ୟ ଆଦର୍ଶ ବିଦ୍ୟାଳୟର ଚେୟାରମ୍ୟାନ କାର୍ତ୍ତିକ ମଲ୍ଲିକ ଓ ଅଧ୍ୟକ୍ଷା ଦିପିକା ଅଧିକାରୀ ଏବଂ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ସହ ଗୁରୁଜୀ ଗୁରୁମା' ଶପଥପାଠ କରିଥିଲେ।



# ନଳକୂଅ ଅଚଳ; ପାଣି ଟୋପାଏ ପାଇଁ ୭୦ ପରିବାର ହନ୍ତସନ୍ତ





**ମାଥିଲି,୩୦।୩(ସମିସ)**

ଗ୍ରୀଷ୍ମ ଆରମ୍ଭରୁ ତାତି ବଢୁଥିବାବେଳେ ବର୍ତ୍ତମାନ ଲୋକଙ୍କୁ ଅସହ୍ୟ ଗରମ ମଧ୍ୟରେ ମିଳୁନି ପାଣି ଟୋପାଏ। ଉପାନ୍ତରେ ୭୦ ପରିବାରର ଲୋକେ ଭୋଗୁଛନ୍ତି ଜଳକଷ୍ଟ। ଟୋପାଏ

● ଓଭରହେଡ୍ ଟାଙ୍କି ଅଛି କିନ୍ତୁ ପାଣି ଆସୁନାହିଁ

ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଥିବାବେଳେ ପାନୀୟ ଜଳ ପ୍ରକଳ୍ପ ଥାଇ ମଧ୍ୟ ଲୋକଙ୍କୁ ମିଳୁନି ପାଣି।

ରାଜ୍ୟ ସରକାର ଗ୍ରାମାଞ୍ଚଳରେ 'ବସୁଧା' ଯୋଜନାରେ ଗାଁକୁ ଗାଁ, ଘରକୁ ଘର ପାଣି ଯୋଗାଇଦେବାକୁ ବ୍ୟବସ୍ଥା କରିଥିବାବେଳେ ବାସ୍ତବରେ କିଛି ସରକାରୀ କର୍ମଚାରୀଙ୍କ ଅବହେଳିତ କାରଣରୁ ଲୋକେ ପାଣି ନ ପାଇ ଡହଳବିକଳ ହେଉଛନ୍ତି। ଉପାନ୍ତରେ ଏମିତି ଅନେକ ଅଞ୍ଚଳ ଅଛି ଯେଉଁଠାରେ କି ବର୍ଷ ବର୍ଷ ଧରି ଲୋକେ ପାଣି ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବାରମ୍ବାର ପ୍ରଶାସନକୁ ଜଣାଇଛନ୍ତି ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଜଣାଉଛନ୍ତି କିନ୍ତୁ କୌଣସି ସୁଫଳ ମିଳିନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଦଳପତିଗୁଡ଼ା ପଞ୍ଚାୟତର କେନ୍ଦୁଗୁଡ଼ା ଗ୍ରାମର ୧ ନମ୍ବର ୱାର୍ଡରେ। ଏହି ୱାର୍ଡରେ ୭୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ପ୍ରାୟ ୩୫୦ରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। ୱାର୍ଡରେ ନଳକୂଅ ହିଁ ସେମାନଙ୍କ ସାହାଭରସା ପାଲଟିଛି। ତାହା ମଧ୍ୟ ଅଚଳ ଅବସ୍ଥାରେ ଅଛି। ଘଣ୍ଟାଏ ନଳକୂଅ ହ୍ୟାଣ୍ଡେଲ ମାରିଲେ ଗୋଟିଏ ହାଣ୍ଡି ପାଣି ବାହାରୁଛି। ସକାଳ ହେଲେ ନଳକୂଅରେ ଲାଗିଥାଏ ମହିଳାମାନଙ୍କ ଲମ୍ବା ଲାଇନ। ପ୍ରତିଦିନ ନଳକୂଅରେ ମହିଳାମାନଙ୍କ ମହାଭାରତ ସୃଷ୍ଟି ହୋଇଥାଏ। ହାଣ୍ଡି ମାଠିଆର ଶବ୍ଦ ଗୁଞ୍ଜରି ଉଠେ ପ୍ରତିଦିନ। ଏମିତି ପାଣି ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀମାନେ ଠିକ୍ ସମୟରେ ସ୍କୁଲ, କଲେଜ ଯାଇପାରୁ ନାହାନ୍ତି। ବୁଢ଼ାବୁଢ଼ୀମାନଙ୍କୁ ଗାଧୋଇବାକୁ ମିଳୁନି ପାଣି। ଗାଁରେ ଯେଉଁ ନଳକୂଅ ଅଛି ସେଗୁଡ଼ିକ ଅଚଳ ହୋଇ ପଡ଼ିଛି। ନଳକୂଅରରୁ ଗୋଳିଆ ପାଣି ବାହାରୁଥିବା ଯୋଗୁଁ ତାହା ପିଇବା ଉପଯୋଗୀ ନୁହେଁ। କିନ୍ତୁ କରିବେ ବା କ'ଣ। କୌଣସି ବିକଳ୍ପ ନ ପାଇ ବାଧ ହୋଇ ତାହା ବ୍ୟବହାର କରୁଛନ୍ତି।

ଦୁରାଗୁଡ଼ା ଗାଁ ମୁଣ୍ଡରେ ୫୦ ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କି ନିର୍ମାଣ କରାଯାଇଛି। ସେହିଠାରୁ କେନ୍ଦୁଗୁଡ଼ା ଗ୍ରାମରେ ପାଇପ୍ ବିଛା ହେବା ସହ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହୋଇଛି। କିନ୍ତୁ ତାହା କେନ୍ଦୁଗୁଡ଼ା ଗ୍ରାମବାସୀଙ୍କ କାମରେ ଆସୁନାହିଁ। ଟାଙ୍କି ଅଛି ଘରେ ଘରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ କରାଯାଇଛି କିନ୍ତୁ ସେହି ଷ୍ଟାଣ୍ଡ ପୋଷ୍ଟରେ ପାଣି ଆସୁ ନ ଥିବାବେଳେ ଷ୍ଟାଣ୍ଡ ପୋଷ୍ଟ ଉପରେ ଗଛଲତା ମାଡ଼ିଗଲାଣି ତ ନିର୍ମାଣ ହୋଇଥିବା ଷ୍ଟାଣ୍ଡ ପୋଷ୍ଟ ଏବେ ଭଙ୍ଗାରୁଜା ହୋଇଯାଇଛି। ବର୍ତ୍ତମାନ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି ଏବଂ ଜଳସ୍ତର କମିବାରେ ମଧ୍ୟ ଲଗିଛି। ଏପରି ସ୍ଥିତିରେ ପାଣି ପାଇଁ ଡହଳବିକଳ ହେଉଛନ୍ତି କେନ୍ଦୁଗୁଡ଼ାବାସୀ। ପାଣି ପାଇଁ ବାରମ୍ବାର ପ୍ରଶାସନକୁ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅଭିଯୋଗ କରି ଆସୁଛନ୍ତି। କିନ୍ତୁ କୌଣସି ପ୍ରଶାସନ କିମ୍ବା ଜନପ୍ରତିନିଧି ସେମାନଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ଏବେ କେନ୍ଦୁଗୁଡ଼ା ଗ୍ରାମବାସୀ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ଉପରେ ସ୍ଥାନୀୟ ବ୍ଲକ୍ ପ୍ରଶାସନିକ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ସମ୍ଭବ ହୋଇ ନ ଥିବାରୁ ଅଧିକାରୀମାନଙ୍କ ମତାମତ ମିଳିପାରି ନାହିଁ।

॥ ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ॥



ସ୍ୱ ବିବସ୍ୱ ସାହୁ
ଅବସରପ୍ରାପ୍ତ ବନ କର୍ମଚାରୀ
ଡୁଲଣ୍ଡା, ତରଭା, ସୋନପୁର
ଧରାବତରଣ- ୧୪.୦୪.୧୯୫୬, ସର୍ଗାରୋହଣ- ୨୧.୦୩.୨୦୨୪

ଆପଣଙ୍କ ସ୍ନେହ, ମମତା, ପିତୃମାତୃ ଭକ୍ତି, ଜୀବନରେ ଈଶ୍ୱର ନିଷ୍ଠା, ସନ୍ତାନ ପ୍ରତି ଅକୁଣ୍ଠିତ ବାତ୍ସଲ୍ୟ ପ୍ରତିଫଳିତ ହୋଇଥିଲା। ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆଜି ଏକାଦଶାହ ଅବସରରେ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-: ଶୋକସନ୍ତପ୍ତ :-
ବାପା - ଗୋପିନାଥ ସାହୁ, ପତ୍ନୀ- ସଂଯୁକ୍ତା, ଝିଅ- ଅନିତା, ସୁନିତା, ଲଳିତା, ଅଙ୍କିତା, ସଞ୍ଜିତା, ଭାଇ- ଶ୍ରୀବସ, ପୂର୍ଣ୍ଣଚନ୍ଦ୍ର, ବ୍ରାହ୍ମଣ- ପ୍ରିୟରଞ୍ଜନ, ଦେବବ୍ରତ, ପୁତୁରା- ଅଂଶୁ, ପିଙ୍କୁ, ରିଙ୍କୁ, ନାତୁଣୀ- ପ୍ରତୀକ୍ଷା, ସମୀକ୍ଷା, ମିଷ୍ଟି, ନାତି - ଦିପେଶ ଓ ପରିବାରବର୍ଗ।

■ ଗ୍ରୀଷ୍ମ ଆରମ୍ଭରୁ ୪୦ ଡିଗ୍ରୀ ପାର୍ କଲା ପାରଦ

## ଉତ୍ତପ୍ତ ସହରରେ ଜନଜୀବନ ଅସ୍ତବ୍ୟସ୍ତ



**ମାଲକାନଗିରି,୩୦।୩(ସମିସ):** ରାଜ୍ୟର ଉତ୍ତପ୍ତ ସହର ମଧ୍ୟରେ ମାଲକାନଗିରି ଜିଲ୍ଲାରେ ୪୦ ଡିଗ୍ରୀ ଟପିଲା ତାପମାତ୍ରା। ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଥିବାବେଳେ ଗ୍ରୀଷ୍ମ ଋତୁ ଆରମ୍ଭରୁ ପାରଦ ଉପରମୁହାଁ ହୋଇଛି। ରାଜ୍ୟର ଅନେକ ସ୍ଥାନରେ ଗରମ ବଢୁଥିବାବେଳେ ମାଲକାନଗିରି ଜିଲ୍ଲାରେ ପାରଦ ୪୦ ଡିଗ୍ରୀ ପାର୍ କରିଛି। ପ୍ରତିବର୍ଷ ମାଲକାନଗିରି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଅଧିକ ଅନୁଭବ ହେଉଥିବାବେଳେ ଚଳିତ ବର୍ଷ ଆରମ୍ଭରୁ ଦିନରେ ପାରଦ ୪୦ ଡିଗ୍ରୀ ଟପିଥିବାବେଳେ ଅସହ୍ୟ ଗରମରେ ଜିଲ୍ଲାବାସୀ ଅସ୍ତବ୍ୟସ୍ତ ହୋଇ ପଡ଼ିଛନ୍ତି। ସକାଳୁ ସକାଳୁ ପାଗରେ ଗରମ ପ୍ରଭାବ ଅନୁଭୂତି ହେଉଥିବାବେଳେ ଦିନ ପ୍ରାୟ ୧୦ଟା ବାଜିଲା ବେଳକୁ ତାତି ଆହୁରି ଅଧିକ ଅନୁଭୂତ ହେଉଥିବାରୁ ଦିନ ବେଳେ ବଜାର ଘାଟ ମଧ୍ୟ ଜନଶୂନ୍ୟ ହେଉଥିବା ଅନୁମାନ ହେଉଛି। ତେବେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଆଗୁଆ ପ୍ରସ୍ତୁତି କରିଥିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତଜନିତ ପ୍ରକୋଷ୍ଠ, ପାନୀୟ ଜଳ ଯୋଗାଣ ଉପରେ ଅଧିକ ଗୁରୁତ୍ୱ ଭଳି ଅନେକ ପଦକ୍ଷେପ ନେଇଛି ପ୍ରଶାସନ। ଏହା ସହ ତାତି ଦାଉରୁ ରକ୍ଷା ପାଇଁ ଜରୁରୀ କାର୍ଯ୍ୟ ନ ଥିଲେ ବାହାରକୁ ନ ବାହାରିବା ପାଇଁ ମଧ୍ୟ ପରାମର୍ଶ ଦିଆଯାଇଛି। ତେବେ ଜିଲ୍ଲା ସଦର ସମେତ ବିଭିନ୍ନ ସ୍ଥାନରେ ବର୍ତ୍ତମାନ ଯାଏଁ ଜଳଛତ୍ରର ବ୍ୟବସ୍ଥା କରାଯାଇ ନ ଥିବାବେଳେ ଦୂର ଦୂରାନ୍ତରୁ ଆସୁଥିବା ଲୋକେ ପାଣି ଟୋପେ ପାଇଁ ନାନା ସମସ୍ୟା ଭୋଗୁଛନ୍ତି। ଅନ୍ୟପଟେ ଆଗକୁ ନିର୍ବାଚନ ସମୟ ଆସୁଥିବାବେଳେ ସେହି ସମୟରେ ଗ୍ରୀଷ୍ମର ପ୍ରଭାବ ଆହୁରି ଅଧିକ ବଢ଼ିବ ବୋଲି ଅନୁମାନ କରାଯାଉଛି। ଯାହାକି ଜିଲ୍ଲା ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି କୁହାଯାଉଛି।

# ବଢୁଛି ତାତି, ଖୋଲିନି ଜଳଛତ୍ର; ହନ୍ତସନ୍ତ ପଥଚାରୀ ଓ ଶ୍ରମିକ

**କୋରାପୁଟ,୩୦।୩(ସମିସ)**




କୋରାପୁଟରେ ତାତି ବଢ଼ିବା ସହ ଜଳକଷ୍ଟ ବୃଦ୍ଧି ପାଉଛି। ଦିନକୁ ଦିନ ଖରାର ପ୍ରକୋପ ବଢ଼ିବାରେ ଲାଗିଛି। ଗୁଳୁଗୁଳି ଓ ଟାଣ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ପାଣି ମୁନ୍ଦାଏ ପିଇବା ପାଇଁ ସାଧାରଣ ଲୋକେ ତହଲବିକଳ ହେଉଥିବାବେଳେ ବର୍ତ୍ତମାନ ସୁଦ୍ଧା କୋରାପୁଟ ଜିଲ୍ଲା ସଦରମହକୁମାରେ ଏଯାଏଁ ଖୋଲିନି ଜଳଛତ୍ର। ଫଳରେ ସହରକୁ ଆସୁଥିବା ପଥଚାରୀ ଓ ଶ୍ରମିକମାନେ ପାଣି ମୁନ୍ଦାଏ ପାଇଁ ହନ୍ତସନ୍ତ ହେଉଛନ୍ତି।

କୋରାପୁଟରେ ତାପମାତ୍ରା ୩୬ ଡିଗ୍ରୀ ଛୁଇଁଥିବା ସହ ପ୍ରବଳ ଗରମ ଓ ଖରା ଅନୁଭୂତ ହେଉଥିବାବେଳେ ସହରରେ ଜଳଛତ୍ର ଖୋଲା ନ ଯିବାକୁ ନେଇ ଅସନ୍ତୋଷ ଦେଖାଦେଇଛି। ୫୦ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ କୋରାପୁଟ ପୌରପାଳିକାରେ ରହିଛି ୨୧ଟି ୱାର୍ଡ। କୋରାପୁଟ ସହରକୁ ବସ୍ ଓ ଟ୍ରେନ୍ ଯୋଗେ ଆନ୍ତଃରାଜ୍ୟ ଲୋକେ ଆସୁଥିବାବେଳେ ବସ୍‌ଷ୍ଟାଣ୍ଡରେ ନାହିଁ ପ୍ରଶାସନିକ ଜଳଛତ୍ରର ବ୍ୟବସ୍ଥା। ଅନ୍ୟପଟେ ସହରର ମୁଖ୍ୟ କୋର୍ଟ ଛକ, କଳାନିକେତନ, ରେଲ୍‌ୱେ ଷ୍ଟେସନ, ହାଟପଦା ଭଳି ଗହଳିଆ ଜାଗାରେ ବି ଜଳଛତ୍ର ଖୋଲାଯାଇନି। ବାଧ୍ୟ ହୋଇ ସାଧାରଣ ପଥଚାରୀ, ଶ୍ରମିକ, ମହିଳା, ଶିଶୁ ଓ ବୟସ୍କ କିଣୁଛନ୍ତି ପିଇବା ପାଣି। ରାଜ୍ୟ ସରକାର ପ୍ରତିବର୍ଷ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସାଧାରଣ ଲୋକଙ୍କ ପାଇଁ ଜଳଛତ୍ର ଖୋଲିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୋରାପୁଟ ପୌରାଞ୍ଚଳରେ ଉଭୟ ପୌର ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାକୁ ନେଇ ଏବେ ସହରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କୋରାପୁଟ ପୌର ପରିଷଦ ପକ୍ଷରୁ ପ୍ରତିବର୍ଷ ଖରା ସମୟରେ ସ୍ଥାନୀୟ ପୌରାଞ୍ଚଳର ବିଭିନ୍ନ ଛକ ସ୍ଥାନମାନଙ୍କରେ ଜଳଛତ୍ର ଖୋଲାଯାଇଥାଏ। ପ୍ରତି ୱାର୍ଡ ସମେତ ବସ୍ ଷ୍ଟାଣ୍ଡ ଓ ରେଳଷ୍ଟେସନ ଆଦି ସ୍ଥାନରେ ଜଳଛତ୍ର ଖୋଲିଥାଏ। କିନ୍ତୁ ଚଳିତ ବର୍ଷ ମାର୍ଚ୍ଚ ଶେଷ ସପ୍ତାହରେ ସ୍ଥାନୀୟ ସହରର ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ରହି ଆସୁଥିଲେ ମଧ୍ୟ ସ୍ଥାନୀୟ ପୌର ପ୍ରଶାସନ ପକ୍ଷରୁ ସହରରେ ବର୍ତ୍ତମାନ ସୁଦ୍ଧା ଗୋଟିଏ ବି ଜଳଛତ୍ର ଖୋଲାଯାଇନାହିଁ। ଫଳରେ ଖରା ସମୟରେ ଦିନ ଦ୍ୱିପହରେ ସ୍ଥାନୀୟ ସହରର ବିଭିନ୍ନ ଛକ ସ୍ଥାନମାନଙ୍କରେ ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ଯିବା ଲାଗି ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ମୁନ୍ଦାଏ ପିଇବା ପାଣି ନପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନଜିର ରହିଛି। ଆଗକୁ ଆହୁରି ତାତି ବଢ଼ିବାକୁ ଥିବାବେଳେ ସହରର ପ୍ରମୁଖ ସ୍ଥାନମାନଙ୍କରେ ତୁରନ୍ତ ଜଳଛତ୍ର ଖୋଲିବା ପାଇଁ ସାଧାରଣରେ ଦାବି ହୋଇଛି। ଏନେଇ କୋରାପୁଟ ପୌର ପରିଷଦର ନିର୍ବାହୀ ଅଧିକାରୀ ଦ୍ୟୁତିକୃଷ୍ଣ ପାତ୍ର କହିଛନ୍ତି, ପ୍ରତିବର୍ଷ କୋରାପୁଟ ପୌର ପରିଷଦ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ୧୦ଟି ଜଳଛତ୍ର ଖୋଲିଥାଏ। ବର୍ତ୍ତମାନ ଚଳିତ ବର୍ଷ ସରକାରଙ୍କ ତରଫରୁ ୨୧ ଟି ୱାର୍ଡରେ ଜଳଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଏପ୍ରିଲ ମାସ ପ୍ରଥମ ସପ୍ତାହ ସୁଦ୍ଧା ସମସ୍ତ ସ୍ଥାନରେ ଜଳଛତ୍ର ଖୋଲାଯିବ ବୋଲି ସେ କହିଛନ୍ତି। ବସ୍ ଷ୍ଟାଣ୍ଡ ସମେତ ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ପାନୀୟ ଜଳର ବ୍ୟବସ୍ଥା କରାଯିବାର ଯୋଜନା ଥିବା ସେ କହିଛନ୍ତି।

## ଅଜଣା ଗାଡ଼ି ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ



ବୋରିଗୁମ୍ମା,୩୦।୩(ସମିସ): ଏକ ଅଜଣା କାର୍ ଧକ୍କାରେ କୋରାପୁଟ ଜିଲ୍ଲା ବୋରିଗୁମ୍ମା ସହରର ଶିକ୍ଷକ ବିଘ୍ନରାଜ ସାମନ୍ତରାୟ (୫୨)ଙ୍କ ଜୟପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ଣ ୨ଟା ସମୟରେ ଶିକ୍ଷକ ବିଘ୍ନରାଜ ସାମନ୍ତରାୟ ନିଜ ବାଇକରେ ମୁଖ୍ୟ ଛକରୁ ନିଜ ବାସଭବନ ଅଭିମୁଖେ ଯାଉଥିବାବେଳେ ହଠାତ୍ ବିପରୀତ ଦିଗରୁ ଏକ କାର୍ ଦ୍ରୁତଗତିରେ ଆସି ଶ୍ରୀ ସାମନ୍ତରାୟଙ୍କ ବାଇକକୁ ଧକ୍କା ଦେଇ ପଳାଇଥିଲା। ଫଳରେ ସେ ବାଇକରୁ ଛିଟିକି ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁର୍ଘଟଣା ସମ୍ପର୍କରେ ତାଙ୍କ ପରିବାରକୁ ଖବର ଦେଇଥିଲେ। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ନେଇଥିଲେ। ଶ୍ରୀ ସାମନ୍ତରାୟଙ୍କ ଗୋଡ଼ରେ ଭୀଷଣ ଆଘାତ ଲାଗି ଚିକିତ୍ସିତ ହେଉଥିଲେ। ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ସକାଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରୀ ସାମନ୍ତରାୟଙ୍କ ମୃତ୍ୟୁକୁ ନେଇ ବୋରିଗୁମ୍ମା ସଦରମହକୁମା ଓ ନିଜ ଗ୍ରାମ ବିସିଂହପୁରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ଶିକ୍ଷକ ଭାବରେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ବିୟୋଗ ଖବର ପାଇ ବୋରିଗୁମ୍ମା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚିନ ମଲ୍ଲିକ, ବୋରିଗୁମ୍ମା ଶିକ୍ଷକ ସଂଘ ସଭାପତି ମୃତ୍ୟୁଞ୍ଜୟ ପଣ୍ଡା, ସମ୍ପାଦକ ଏନ୍. କାମେଶ୍ୱର ରାଓ, ଶିକ୍ଷକ ସତ୍ୟ ଆଚାରୀଙ୍କ ସମେତ ବ୍ଲକର ଶହ ଶହ ସଂଖ୍ୟାରେ ଶିକ୍ଷକଶିକ୍ଷୟିତ୍ରୀ ଓ ବୋରିଗୁମ୍ମା ଓ ବିସିଂହପୁର ଅଞ୍ଚଳବାସୀ ଉପସ୍ଥିତ ରହି ଶୋକସନ୍ତପ୍ତ ପାରିବାରକୁ ସାନ୍ତ୍ୱନା ଦେଇଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ୨ ପୁଅ-ଝିଅ, ସ୍ତ୍ରୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଶୋକାକୁଳ ପରିବେଶରେ ମୃତ ବିଘ୍ନରାଜଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ବିଦ୍ୟୁତ୍ ଆଘାତରେ ନବବିବାହିତ ଯୁବକଙ୍କ ମୃତ୍ୟୁ

**କୋଷାଗୁମୁଡ଼ା,୩୦।୩(ସମିସ):** କୋଷାଗୁମୁଡ଼ା ବ୍ଲକର ପଣ୍ଡୁଗୁଡ଼ା ପଞ୍ଚାୟତର ଖୁଟିଗୁଡ଼ାରେ ବିଦ୍ୟୁତ୍ ସଂସ୍ପର୍ଶରେରେ ଆସି ଶୁକ୍ରବାର ରାତିରେ ଜଣେ ନବବିବାହିତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଗୁପ୍ତେଶ୍ୱର (୨୧) ବୋଲି ଜଣାପଡ଼ିଛି। ସୂଚନା ପ୍ରକାରେ, ଶୁକ୍ରବାର ରାତିରେ ନିଜ ଆଖୁପେଡ଼ା ବାଡ଼କୁ ଗୁପ୍ତେଶ୍ୱର ନିଜ ବାପାଙ୍କ ପାଇଁ ଖାଦ୍ୟ ନେଇ ଯାଇଥିଲେ। ସେଠାରେ ନିଜର ଚାଷ ଜମିରେ ଥିବା ବୋର୍‌ୱେଲକୁ ସଂଯୋଗ କରିଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯାଇଥିଲେ। ବିଦ୍ୟୁତ ଆଘାତରେ ଗୁପ୍ତେଶ୍ୱର ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କୋଷାଗୁମୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଗୁପ୍ତେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ଗୁପ୍ତେଶ୍ୱରଙ୍କ ବାପା ଆଏମ୍ବର ଭତ୍ରା କୋଡ଼ିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। କୋଡ଼ିଙ୍ଗା ଥାନା ଅଧିକାରୀ ଯୁଗଳ ଶବରଙ୍କ ନିର୍ଦ୍ଦେଶ ଅନୁସାରେ ଏଏସ୍ଆଇ



ପ୍ରଦୀପ କୁମାର ବାଘ ମୃତ ଯୁବକଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ କୋଡ଼ିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(୪/୨୪) ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଗୁପ୍ତେଶ୍ୱରଙ୍କ ସହିତ ବାଙ୍କୁଲି ଗ୍ରାମର ଗିରିଧର ଭତ୍ରାଙ୍କ ଝିଅ ଗାୟତ୍ରୀଙ୍କ ସହ ଏକ ମାସ ପୂର୍ବେ ବିବାହ ହୋଇଥିଲା। ବିବାହର ଏକମାସ ନ ପୂରୁଣୁ ଜ୍ୱାଇଁର ମୃତ୍ୟୁକୁ ନେଇ ଗୁପ୍ତେଶ୍ୱରଙ୍କ ଶଶୁର ଗିରିଧର ଭତ୍ରା ଚିନ୍ତା ପ୍ରକଟ କରିଛନ୍ତି। ସେ ନିଜ ପରିବାର ଲୋକଙ୍କ ସହ ବାଙ୍କୁଲି ଗାଁରୁ ନିଜ ସମ୍ପର୍କୀୟ ଦାସ ଭତ୍ରା, ସମ୍ବାରୁ ମାଝୀ, ସୁକଦାସ ମାଝୀ, ଲୋଚିମ ଧର ଭତ୍ରା, ବାଙ୍କୁଲୀର ପୂର୍ବତନ ସରପଞ୍ଚ ପଦ୍ମିନୀ ମାଝୀ, କୁମର ପୂଜାରୀ ଏବଂ ପ୍ରାୟ ୭୦ ଜଣ ମହିଳା, ପୁରୁଷ ଆସି ଗୁପ୍ତେଶ୍ୱରଙ୍କ ଶବ ସତ୍କାରରେ ଉପସ୍ଥିତ ହୋଇଥିଲେ।

## ନଳକୂଅ ଖନନକୁ ବନ୍ଦ କଲା ଆନ୍ଧ୍ର ସିପିଏମ୍ ଦଳ





ପଟ୍ଟାଙ୍ଗି,୩୦।୩(ସମିସ): ଓଡ଼ିଶା ପ୍ରଶାସନ ଦ୍ୱାରା ଉପରସେମ୍ବି ଗ୍ରାମ ନିକଟରେ ବିଦ୍ୟୁତ ବିଭାଗ ନିମନ୍ତେ ନଳକୂଅ ଖନନ କରୁଥିବା ସମୟରେ ବିରୋଧ କଲା ଆନ୍ଧ୍ର ସିପିଏମ୍ ଦଳ। ଖଣି ଖନନ ନିମନ୍ତେ ଉକ୍ତ କାର୍ଯ୍ୟ କରୁଥିବା ନେଇ ଲୋକଙ୍କୁ ଭୁତାଇ ଖନନକୁ କଲା ବିରୋଧ। ବାଧ୍ୟ ହୋଇ କାର୍ଯ୍ୟକୁ କରାଗଲା ବନ୍ଦ।

ସୂଚନା ଅନୁଯାୟୀ, ବିଦ୍ୟୁତ ସବଷ୍ଟେସନ ନିର୍ମାଣ ନିମନ୍ତେ ପାଣିର ଆବଶ୍ୟକତା ରହିଛି। ତେଣୁ ବିଭାଗ ଦ୍ୱାରା ଉପରସେମ୍ବି ଗ୍ରାମ ନିକଟରେ ବିଦ୍ୟୁତ ବିଭାଗ ଦ୍ୱାରା ନଳକୂଅ ଖନନ ନିମନ୍ତେ ଦୁଇଟି ଗାଡ଼ି ପହଞ୍ଚିଥିଲେ। ଖନନ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା। ଏନେଇ ସୂଚନା ପାଇବା ପରେ ସାଲୁର ସିପିଏମ୍ ଦଳର ଆଦିବାସୀ ସଭାପତି ୱାନତାଲା ସୁନ୍ଦର ରାଓ ଘଟଣାସ୍ଥଳରେ ପହଞ୍ଚିଥିଲେ। ଧୂଳିପଦର, ଉପରସେମ୍ବି ଗ୍ରାମବାସୀଙ୍କୁ ଉକ୍ତ ଅଞ୍ଚଳ ଖଣିଗୁଡ଼ିକୁ ଓଡ଼ିଶା ସରକାର ନେବା ନିମନ୍ତେ ଉକ୍ତ ଖନନ କରୁଛି କହି ଭୁତାଇଥିଲେ। ପରେ ଲୋକଙ୍କୁ ସେମାନେ ଏକତ୍ରିତ କରି ଏକ ଶୋଭାଯାତ୍ରା କରିବା ସହ କାର୍ଯ୍ୟ ବନ୍ଦ କରାଇ ଗାଡ଼ିଗୁଡ଼ିକୁ ସେଠାରୁ ଘଉଡ଼ାଇ ଦେଇଥିବା ନେଇ ଜଣାପଡ଼ିଛି। ତାଡାଙ୍ଗି ସନ୍ନମ୍, ମାରି ମହେସୁ, ତାଡାଙ୍ଗି କୋମୁଲୁ ଗେମେଲ ପ୍ରମୁଖ ଉପସ୍ଥିତ ରହିଥିବା ନେଇ ଜଣାପଡ଼ିଛି। ନିର୍ବାଚନ ଆସନ୍ତା ୧୩ ତାରିଖ ହେବାକୁ ଥିବାବେଳେ ଓଡ଼ିଶାକୁ ବିରୋଧ କରିବା ନିମନ୍ତେ ଆନ୍ଧ୍ର ଏଭଳି କାର୍ଯ୍ୟକଳାପ କରୁଥିବା ନେଇ ବୁଦ୍ଧିଜୀବୀମାନେ ସନ୍ଦେହ କରୁଛନ୍ତି। ଅନ୍ୟପକ୍ଷରେ ୨୮ ତାରିଖ ଦିନ ଆନ୍ଧ୍ର ବିଦ୍ୟୁତ ମିଟର ଲଗାଇବାକୁ ବନ୍ଦ କରିବା ଯୋଗୁଁ ଆନ୍ଧ୍ର ଏଭଳି ଷଡ଼ଯନ୍ତ୍ର କରୁଛି କହି ସାଧାରଣରେ ଚର୍ଚ୍ଚା ହୋଇଛି।

■ କୋରାପୁଟ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

## ପ୍ରଭାତ ସଭାପତି, ସୁନୀଲ ସମ୍ପାଦକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ



**କୋରାପୁଟ,୩୦।୩(ସମିସ):** କୋରାପୁଟ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ କାର୍ଯ୍ୟକାରୀ କମିଟି ପଦର ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ଶନିବାର କେବଳ ଉପସଭାପତି ପଦ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଞ୍ଜୟ କୁମାର ଝା ୧୩୫ ଖଣ୍ଡ ଭୋଟ୍ ପାଇ ଉପସଭାପତି ପଦରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ସୁଜାତା ନାୟକ ଘୋଷଣା କରିଛନ୍ତି। ପ୍ରଭାତ କୁମାର ମହାପାତ୍ର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ସମ୍ପାଦକ ଭାବେ ସୁନୀଲ କୁମାର ଜେନା ଓ କୋଷାଧ୍ୟକ୍ଷ ଭାବେ କାମାକ୍ଷା ପ୍ରସାଦ ମାଝୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ କହିଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ଅଶ୍ୱିନୀ କୁମାର ପଟ୍ଟନାୟକ, ବିଦ୍ୟାଧର ସାହୁ, ନଳିନୀକାନ୍ତ ସେନାପତି, ପ୍ରମୋଦ କୁମାର ପାଢ଼ୀ, ପ୍ରଶାନ୍ତ କୁମାର ପାତ୍ର, ରଶ୍ମିତା ଦାସ, ଶରତ ଚନ୍ଦ୍ର ଆଚାର୍ଯ୍ୟ ଏବଂ ସସ୍ମିତା ରାଣୀ ସାହୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ସୁଜାତା ନାୟକ କହିଛନ୍ତି। କୋରାପୁଟ ଓକିଲ ସଂଘର ଦ୍ୱିତୀୟ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ନବନିର୍ବାଚିତ ସଭାପତି ପ୍ରଭାତ କୁମାର ମହାପାତ୍ର ଧନ୍ୟବାଦ ଜଣାଇଛନ୍ତି। ଆଇନଜୀବୀମାନଙ୍କୁ ସ୍ୱାସ୍ଥ୍ୟ ବୀମାରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ଭୋଟର୍ ସଚେତନତା ଶୋଭାଯାତ୍ରା ଉଦ୍‌ଘାଟିତ

**ମାଲକାନଗିରି,୩୦।୩(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନେଇ ସଦର ମହକୁମାରେ ଏକ ରାଲି ଆୟୋଜନ କରାଯାଇଛି। ସ୍ଥାନୀୟ ବ୍ଲକ୍ ପଡ଼ିଆଠାରୁ ଏହା ଆରମ୍ଭ ହୋଇ ଡିଏନକେ ଛକ, ପୁରୁଣା ମେଡିକାଲ ଛକ ଅତିକ୍ରମ କରି ଶେଷରେ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚିଥିଲା। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସଚିନ୍ ପାୱାର ଏହି ରାଲିକୁ ଉଦଘାଟନ କରିଥିଲେ। ସହରାଞ୍ଚଳ ଭୋଟରଙ୍କ ଅନୁପାତ ବୃଦ୍ଧି, ସ୍ୱତନ୍ତ୍ର ଭୋଟର ଯେପରିକି ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ କିନ୍ନର ଗୋଷ୍ଠୀଙ୍କ ଅଧିକରୁ ଅଧିକ ମତଦାନ ପ୍ରକ୍ରିୟାରେ ଅଂଶଗ୍ରହଣ ଏବଂ ଯୁବ ଭୋଟରଙ୍କ ମଧ୍ୟରେ ସଚେତନତା କରିବା ଏହି ରାଲିର ଉଦ୍ଦେଶ୍ୟ ବୋଲି ଜିଲ୍ଲାପାଳ କହିଛନ୍ତି। ମତଦାନ ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ଗଠନରେ ସାମିଲ ହେବା ନିମନ୍ତେ ଶ୍ରୀ ପାୱାର ସମସ୍ତଙ୍କୁ ଅପିଲ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ସୋମନାଥ ପ୍ରଧାନ, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ମାଲକାନଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାତୀ ଝୋଡ଼ିଆ ଓ ଅତିରିକ୍ତ ତହସିଲଦାର ଉମେଶ ପୂଜାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ଥାନୀୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକଅଧ୍ୟାପିକା, ଜିଲ୍ଲା ଯୁବ ଅଧିକାରୀ, ନେହେରୁ ଯୁବ କେନ୍ଦ୍ରର କର୍ମଚାରୀ ଏବଂ ନିର୍ବାଚନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ପରିଶେଷରେ ମାଲକାନଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନଦୀରେ ବୁଡ଼ି ଯୁବକ ମୃତ

**କୋଷାଗୁମୁଡ଼ା,୩୦।୩(ସମିସ):** କୋଡ଼ିଙ୍ଗା ଥାନା ଅନ୍ତର୍ଗତ ସିର୍ସି ଗ୍ରାମ ନିକଟରେ ଥିବା ଟୁରି ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ସିର୍ସି ଗ୍ରାମର ପବିତ୍ର ଭତ୍ରା(୧୮)। ଶନିବାର ନିଜ ଗାଁ ନିକଟରେ ଥିବା ଟୁରି ନଦୀକୁ ସେ ଗାଧୋଇବାକୁ ଯାଇ ଫେରି ନ ଥିଲେ। ସେଠାରେ ଥିବା ଅନ୍ୟ ଲୋକମାନେ ପବିତ୍ରଙ୍କ ବାପା ଟେମରୁ ଭତ୍ରାଙ୍କୁ ଖବର ଦେଇଥିଲେ। ପରେ ଟେମରୁ ଭତ୍ରା ଏହି ସମ୍ପର୍କରେ ଥାନାକୁ ଖବର ଦେଇଥିଲେ। ଖବର ପାଇ କୋଡ଼ିଙ୍ଗା ଥାନା ଅଧିକାରୀ ଯୁଗଳ ଶବର ଏସ୍ଆଇ ବିକ୍ରମ କେଶରୀ ସାହୁଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ। ଏସ୍ଆଇ ଶ୍ରୀ ସାହୁ ମୃତ ଯୁବକଙ୍କୁ ଉଦ୍ଧାର ସହ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏପଟେ କୋଡ଼ିଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା(୫/୨୪) ରୁଜୁ କରି ତଦନ୍ତ ଜାରି ରହିଥିବା ଏସ୍ଆଇ ସୂଚନା ଦେଇଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ବିୟୋଗ

**ତେନ୍ତୁଲିଖୁଣ୍ଟି,୩୦।୩(ସମିସ):** ତେନ୍ତୁଲିଖୁଣ୍ଟି ବ୍ଲକ ଦିଗି ପଞ୍ଚାୟତ ଅନ୍ତର୍ଗତ ଚରାମୂଳା ଗ୍ରାମରେ ରହୁଥିବା ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ସମାଜସେବୀ ଏମ୍ ଲଛମୀ ନାଇଡୁଙ୍କ ଶୁକ୍ରବାର ରାତିରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଏକ ସପ୍ତାହ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ି ଯିବାରୁ ତାଙ୍କୁ ବିଶାଖାପାଟଣା ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାର ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ପିସିସି ସମ୍ପାଦିକା ପି. ନାଗା ରତ୍ନମ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଧାୟକ ପ୍ରାର୍ଥୀ ଗୌରୀ ଶଙ୍କର ମାଝୀ, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଯୁବ ବିଜେଡି ନେତା ସୁରେଶ ନାୟକ, ପି. ନାଗେଶ୍ୱର ରାଓ, ଚପଳ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ତାଙ୍କର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ଶନିବାର ସକାଳେ ଚରାମୁଳା ସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ପୁତ୍ର ଏମ୍ ତ୍ରିପତି ମୁଖାଗ୍ନି ଦେଇଥିଲେ।

## କଳାହାଣ୍ଡି କପ୍ ପାଇଁ ମାଲକାନଗିରି କ୍ରିକେଟ୍ ଦଳର ଗସ୍ତ



ମାଲକାନଗିରି,୩୦।୩(ସମିସ): କଟକଠାରେ ଆୟୋଜିତ ହେବାକୁ ଥିବା କଳାହାଣ୍ଡି କ୍ରିକେଟ କପ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ ପାଇଁ ବାହାରିଲା ମାଲକାନଗିରି କ୍ରିକେଟ ଦଳ। ଶନିବାର ମାଲକାନଗିରି ଜିଲ୍ଲାରୁ କଟକ ଅଭିମୁଖେ ଏହି ଦଳ ନିଜର ଯାତ୍ରା ଆରମ୍ଭ କରିଛି। ଏହି ଦଳର କୋଚ୍ ଓ ମ୍ୟାନେଜର ଭାବେ ଜିଲ୍ଲାର ବିଶିଷ୍ଟ କ୍ରିକେଟ ଖେଳାଳି ମାନସ ରଞ୍ଜନ ଜେନା ଖେଳାଳିଙ୍କୁ ନେଇ ଯାଇଛନ୍ତି। ଏହି ଦଳରେ ୧୬ ଜଣ ଖେଳାଳି ରହିଥିବାବେଳେ ରବିବାର ଏହି ପ୍ରତିଯୋଗିତା ଆରମ୍ଭ ହେବ। ଶନିବାର ଏହି ଦଳ ମାଲକାନଗିରିରୁ ଏକ ବସ୍ ଯୋଗେ ଯାତ୍ରା ଆରମ୍ଭ କରିଥିବାବେଳେ ଏହି ଦଳକୁ ଜିଲ୍ଲାର ବିଶିଷ୍ଟ ଖେଳାଳି ତଥା ଭାରତୀୟ କ୍ରିକେଟ ଟିମର ପୂର୍ବତନ ମ୍ୟାନେଜର ପପୁ ସିଂ ଉପସ୍ଥିତି ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

**ସାଧାରଣ ନିର୍ବାଚନ ପୂର୍ବ ପ୍ରସ୍ତୁତି**

## ଜୟପୁର ଉପଖଣ୍ଡର ୫ ବ୍ଲକ୍ ଓ ୨ ସହରାଞ୍ଚଳର ପ୍ରଶାସନିକ ଅଧିକାରୀଙ୍କ ବୈଠକ

**ଜୟପୁର,୩୦।୩(ସମିସ)**



ଆସନ୍ତା ଲୋକସଭା ଏବଂ ବିଧାନସଭା ସାଧାରଣ ନିର୍ବାଚନ ପାଇଁ କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡର ୫ଟି ବ୍ଲକ୍, ତହସିଲ ଏବଂ ୨ଟି ସହରାଞ୍ଚଳର ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ଶନିବାର ସ୍ଥାନୀୟ ଉପଜିଲ୍ଲାପାଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଆଲମଣି ସେଠୀ ଓ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଲମ୍ବୋଜିତ ରାଉତ, ଜୟପୁର ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟତଃ ବିଭିନ୍ନ ବୁଥର ରାସ୍ତା ସର୍ବେକ୍ଷଣ, ଦୂରତା ଏବଂ ବୁଥ୍ ଅଧିକାରୀଙ୍କୁ ନିର୍ବାଚନବେଳେ ବୁଥଗୁଡ଼ିକୁ ସୁବିଧାରେ ବିଭିନ୍ନ ଯାନବାହନ ମାଧ୍ୟମରେ ଛାଡ଼ିବା ଏବଂ ସୁରକ୍ଷା ବ୍ୟବସ୍ଥାକୁ ନେଇ ଆଲୋଚନା ହୋଇଥିଲା। ଏଥିରେ ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ଡ. ମୋନାଲିସା ଆଚାର୍ଯୀ, କୁନ୍ଦୁରା ବିଡିଓ କପିଳେଶ୍ୱର ତାଣ୍ଡି, ତହସିଲଦାର ବିନୋଦ କୁମାର ନାୟକ, ବୈପାରୀଗୁଡ଼ା ବିଡିଓ ଭାସ୍କର ଚନ୍ଦ୍ର ସାହୁ, ତହସିଲଦାର ସ୍ନିଗ୍ଧା ଚୌଧୁରୀ, କୋଟପାଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ବିଡିଓ ବିକ୍ରମ କୁମାର ଦାଶ, ବିଜ୍ଞାପିତ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, ବୈପାରୀଗୁଡ଼ା ବିଡିଓ ସନ୍ଧ୍ୟାରାଣୀ ସାମନ୍ତ, ତହସିଲଦାର ଅମୃତଲାଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପଖଣ୍ଡ କାର୍ଯ୍ୟାଳୟର ନିର୍ବାଚନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହିବା ସହିତ ବୁଥ୍ ଏବଂ ଏହାର ଦୂରତା ସହିତ ଗମନାଗମନକୁ ନେଇ ସୂଚନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ଜୟପୁର ଉପଖଣ୍ଡରେ ଅନୁସୂଚିତ ଜନଜାତି ସଂରକ୍ଷଣ ପାଇଁ କୋଟପାଡ ଏବଂ ସାଧାରଣ ବର୍ଗ ପାଇଁ ଜୟପୁର ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଏଥିରେ କୋଟପାଡ଼ ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୮ ହଜାର ୨୮୩ ଜଣ ଭୋଟର ଓ ୨୪୩ଟି ବୁଥ୍ ରହିଛି ଏବଂ ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୧୧ ହଜାର ୯୦୮ ଜଣ ଭୋଟର ଏବଂ ୨୩୮ଟି ବୁଥ୍ ରହିଛି।

## ଚାଷ ଜମିକୁ ଜଳ ଯୋଗାଇବା ଦାବିରେ ଚାଷୀଙ୍କ ରାସ୍ତାରୋକ



**ଉମରକୋଟ,୩୦।୩(ସମିସ):** ଚାଷ ଜମିକୁ ଆବଶ୍ୟକ ପରିମାଣରେ ପାଣି ଆସୁ ନ ଥିବାରୁ ରାଜରାସ୍ତାକୁ ଓହ୍ଲାଇଛନ୍ତି ଚାଷୀ। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଦର୍ଗାଗୁଡ଼ାଠାରେ। ଚାଷ ଜମିକୁ ଜଳ ଯୋଗାଇବାକୁ ଦାବି କରି ଚାଷୀମାନେ ଶନିବାର ଦୁର୍ଗାଗୁଡ଼ାଠାରେ ରାସ୍ତାରୋକ କରିଥିଲେ। ଉମରକୋଟରେ ରହିଥିବା ଭାସ୍କେଲ ଡ୍ୟାମରୁ ଉମରକୋଟ ଚାଷୀଙ୍କୁ ଚାଷ ପାଇଁ ପାଣି ମିଳିଥାଏ। ଏଠି ରହିଛି ଦୁଇଟି ଫାଟକ। ବର୍ତ୍ତମାନ ବାମ ପାର୍ଶ୍ୱ କେନାଲରେ ଆବଶ୍ୟକ ପରିମାଣର ଜଳ ଯୋଗାଣ ହୋଇପାରୁନି। ଫଳରେ ସେ ଅଞ୍ଚଳରେ ଧାନ ଓ ମକା ଚାଷ ନଷ୍ଟ ହେବାକୁ ବସିଲାଣି। ଏହି କାରଣରୁ ତଳ ଅଞ୍ଚଳରେ ରହିଥିବା ଚାଷୀମାନେ ଜମିକୁ ଆବଶ୍ୟକ ଅନୁସାରେ ପାଣି ଯୋଗାଇବା ଦାବି କରି ଉମରକୋଟ ଦର୍ଗାଗୁଡ଼ାଠାରେ ଚାଷୀମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ଉମରକୋଟରୁ ଛତିଶଗଡ଼କୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଘଟଣା ସ୍ଥଳରେ ଉମରକୋଟ ପୁଲିସ ଓ ବିଭାଗୀୟ ଅଧିକାରୀ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। କେନାଲ ସଫା କାମ ଜାରି ରହିଛି। ବିଭାଗର ସମସ୍ତେ ଆସି କୋଉଠି ପାଣି ପହଞ୍ଚିବା ଅସୁବିଧା ହୋଉଛି ତାହାର ତଦାରଖ କରୁଛନ୍ତି। ମୋଟ ୧୩ କିଲୋମିଟର କେନାଲରୁ ୮ କିଲୋମିଟର ପାଣି ଆସୁଛି। ସବୁ ଜମିକୁ କିପରି ପାଣି ପହଞ୍ଚିବ ଚେଷ୍ଟା କରାଯାଉଛି। ସବୁ କେନାଲ କଂକ୍ରିଟ ହୋଇଗଲେ ସମସ୍ୟା ସମାଧାନ ହୋଇଯିବ ବୋଲି କହିଛନ୍ତି ବିଭାଗୀୟ ଏସଡିଓ ରେଣୁକା ଠାକୁର। ବହୁ ବୁଝାସୁଝା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

# ବିବାଦ ସମାଧାନ ନ ହେବା ଯାଏ ପୋଖରୀ କାର୍ଯ୍ୟ ବନ୍ଦ




**ଗୁଣୁପୁର,୩୦।୩(ସମିସ)**

ମୁଖ୍ୟମନ୍ତ୍ରୀଙ୍କ କର୍ମ ତତ୍ପରତା (ମୁକ୍ତା) ଯୋଜନାରେ ଚାଲିଥିବା ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ମିଶନ ଶକ୍ତି ମହିଳାମାନେ ଅଭିଯୋଗ କରିଛନ୍ତି। ପୌରାଞ୍ଚଳ ମଧ୍ୟରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ୫ଟି ପୋଖରୀ ପୁନରୁଦ୍ଧାର ଚାଲିଥିବାବେଳେ ଉକ୍ତ ଅଞ୍ଚଳର ମିଶନ ଶକ୍ତି ଗୋଷ୍ଠୀର ମହିଳାଙ୍କୁ ନିୟୋଜିତ ନ କରି ଅନ୍ୟ ୱାର୍ଡର ଅଯୋଗ୍ୟ ଗ୍ରୁପ୍ ମହିଳାଙ୍କ ନାମରେ କାମ ଦିଆଯାଇଥିବା ଏବଂ ନିର୍ଦ୍ଦିଷ୍ଟ ଗ୍ରୁପମାନଙ୍କୁ କାମ ଯୋଗାଇ ନିର୍ଦ୍ଦିଷ୍ଟ ଠିକାଦାରମାନଙ୍କୁ କାର୍ଯ୍ୟ ଦିଆଯାଉଥିବା ନେଇ ପ୍ରତିବାଦ କରି ଶନିବାର ପୌରାଞ୍ଚଳର ୧୬ ଓ ୧୭ ନଂ ୱାର୍ଡ ତଥା ବିକ୍ରମପୁର ଓ କଉ୍ତୁରୁ ନିକଟରେ ଚାଲିଥିବା କାର୍ଯ୍ୟକୁ ବିକ୍ରମପୁର ଅଞ୍ଚଳର ମିଶନ ଶକ୍ତି ମହିଳାମାନଙ୍କ ପକ୍ଷରୁ କାର୍ଯ୍ୟ ବନ୍ଦ କରାଯାଇଛି। ବହୁ ହୋହଲା ହେବା ଯୋଗୁଁ ପୁଲିସ ପ୍ରଶାସନ ହସ୍ତକ୍ଷେପ କରିଥିଲା। ବିବାଦ ସମାଧାନ ନ ହେବାଯାଏ ପୋଖରୀ କାର୍ଯ୍ୟ ବନ୍ଦ ରଖିବାକୁ ଆଇଆଇସି ଉତ୍ତମ କୁମାର ସାହୁ ପରାମର୍ଶ ଦେଇଥିଲେ। ଏହି କ୍ରମରେ ଶନିବାର ସେଠାରେ କାର୍ଯ୍ୟବନ୍ଦ ରହିଛି।

**● ନିର୍ଦ୍ଦିଷ୍ଟ ଗ୍ରୁପ୍ ନାମରେ ଠିକାଦାର କାର୍ଯ୍ୟ କରୁଥିବା ମିଶନ ଶକ୍ତି ମହିଳାଙ୍କ ଅଭିଯୋଗ**

ସୂଚନାଯୋଗ୍ୟ ଯେ, ଉକ୍ତ ପୋଖରୀର ପୁନରୁଦ୍ଧାର ପାଇଁ ସାଢ଼େ ୩ କୋଟି ଟଙ୍କା ବ୍ୟୟଅଟକଳ ରଖାଯାଇଛି। ଏଠାରେ ଗତ ୧୦ ଦିନ ହେଲା ୨ଟି ଜେସିବି ମେସିନ୍ ଏବଂ ୪ଟି ଟ୍ରାକ୍ଟର ଦ୍ୱାରା କାର୍ଯ୍ୟ ଚାଲିଥିବାବେଳେ କୌଣସି ଶ୍ରମିକଙ୍କୁ ନିୟୋଜିତ କରାଯାଇ ନାହିଁ। ଏହି କାର୍ଯ୍ୟକୁ ୧୮ଟି ମିଶନ ଶକ୍ତି ଗ୍ରୁପକୁ ନିୟୋଜିତ କରାଯାଇଥିବା ସୂଚନାଫଳକରେ ଦର୍ଶାଯାଇଛି। ୧୮ଟି ଗ୍ରୁପ୍ ମଧ୍ୟରୁ ୧୬ଟି ବାହାର ୱାର୍ଡର ଗ୍ରୁପର ନାଁ ରହିଥିବାରୁ ସେହି ଅଞ୍ଚଳର ମିଶନ ଶକ୍ତି ମହିଳାମାନେ ତୀବ୍ର ବିରୋଧ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ନିଜ ୱାର୍ଡର କାମକୁ ସେହି ଅଞ୍ଚଳର ମିଶନ ଶକ୍ତିର ଗ୍ରୁପକୁ କାମ ଦେବାକୁ ଦାବି କରିଛନ୍ତି। ପୌରାଞ୍ଚଳର ୧୦ଟି ପୋଖରୀର ପୁନରୁଦ୍ଧାର ନିମନ୍ତେ 'ମୁକ୍ତା' ଯୋଜନାରେ ଆନୁମାନିକ ସାଢ଼େ ୬ କୋଟି ଟଙ୍କା ବିନିଯୋଗ କରାଯିବାକୁ ଡିପିଆର୍ ପ୍ରସ୍ତୁତ କରାଯାଇଥିଲା। ତଦନୁସାରେ ଚଳିତ ମାସରୁ ମିଶନ ଶକ୍ତି ଗୋଷ୍ଠୀଙ୍କ ଦ୍ୱାରା କାର୍ଯ୍ୟାରମ୍ଭ କରାଯାଇଛି। ସର୍ବନିମ୍ନ ୧୫ଲକ୍ଷରୁ ସାଢ଼େ ୩ କୋଟି ଟଙ୍କା ପର୍ଯ୍ୟନ୍ତ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ କରାଯିବାକୁ ଯୋଜନା ରହିଛି। ତେବେ ବିକ୍ରମପୁର ପୋଖରୀ(୨୬ଏକର) ନିମନ୍ତେ ସେଠାରେ ୩ କୋଟି ୨୪ଲକ୍ଷ ଟଙ୍କା ବିନିଯୋଗ କରାଯାଇଛି ବୋଲି ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଜଣାପଡ଼ିଛି।

## ଗାଡ଼ି ଜାଳିଦେଲେ ମାଓବାଦୀ

**ମାଲକାନଗିରି,୩୦।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକୁମା ଜିଲ୍ଲାରେ ପୁଣି ମାଓବାଦୀଙ୍କ ତୁମୁଳକାଣ୍ଡ ଦେଖିବାକୁ ମିଳିଛି। ସ୍ଥିତି ଜାହିର କରିବା ସହ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିବା ପାଇଁ ଗୋଟିଏ ପିକ୍‌ଅପ୍ ଗାଡ଼ିରେ କିଛି ସଶସ୍ତ୍ର ମାଓବାଦୀ ନିଆଁ ଲଗାଇ ଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସୁକୁମା ଜିଲ୍ଲାର ଦୁଲେଡ ଏବଂ ମୁକୁରାଜକୁଣ୍ଡା ମଧ୍ୟରେ ଥିବା ମୁଖ୍ୟ ସଡ଼କରେ ଦୁଲେଡ ଅଞ୍ଚଳ ଅଭିମୁଖେ ଯାଉଥିବା ଏକ ପିକ୍‌ଅପ୍ ଗାଡ଼ିକୁ ଦିନ ଦ୍ୱିପହରରେ ମାଓବାଦୀମାନେ ଅଟକାଇଥିଲେ। ଏହାପରେ ଉକ୍ତ ଗାଡ଼ିର ଚାଳକଙ୍କୁ ଗାଡ଼ିରୁ ବାହାର କରି ସେଥିରେ ନିଆଁ ଲଗାଇ ଦେଇଥିଲେ। ଗାଡ଼ିଟି ଜଳିବା ପରେ ମାଓବାଦୀମାନେ ସେଠାରୁ ଚାଲି ଯାଇଥିବାବେଳେ ସେହି ରାସ୍ତାରେ ଯାଉଥିବା ଲୋକେ ଏଥିରେ ଭୟଭୀତ ହୋଇ ପଡ଼ିଥିଲେ। ଏନେଇ ଖବର ପାଇ ପୁଲିସ ଓ ଯବାନମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

### ■ ଗୁଣୁପୁର ଓକିଲ ସଂଘ ନିର୍ବାଚନ

## ଦେବୀ ଆଚାର୍ଯ୍ୟ ସଭାପତି, ଇନ୍ଦ୍ରାକ୍ଷୀ ସମ୍ପାଦକ



**ଗୁଣୁପୁର,୩୦।୩(ସମିସ):** ରାୟଗଡ଼ା ଜିଲ୍ଲା ଗୁଣୁପୁର ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ଦେବୀ ପ୍ରସାଦ ଆଚାର୍ଯ୍ୟ, ଉପସଭାପତି ଗଣେଶ ସାହୁ ଏବଂ ସମ୍ପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ବିଜୟୀ ହୋଇଛନ୍ତି। ସଭାପତି ଭାବେ ଦେବୀ ପ୍ରସାଦ ଆଚାର୍ଯ୍ୟ ୩୭ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଥିଲେ। ତାଙ୍କର ଅନ୍ୟ ଦୁଇ ପ୍ରତିଦ୍ୱନ୍ଦ୍ୱି ରାଜେନ୍ଦ୍ର ପ୍ରସାଦ ପାଢ଼ୀ ୨୦ ଖଣ୍ଡ ଭୋଟ୍ ପାଇଥିବାବେଳେ ଗୌରୀ ଶଙ୍କର ଦାସ ୧୭ ଖଣ୍ଡ ଭୋଟ୍ ପାଇଥିଲେ। ଉପସଭାପତି ଭାବେ ଗଣେଶ ସାହୁ ୫୯ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ସରୋଜ ପାଣିଗ୍ରାହୀ ୧୩ ଖଣ୍ଡ ଭୋଟ୍ ପାଇଥିଲେ। ସେହିପରି ସମ୍ପାଦକ ଭାବେ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ୫୩ ଖଣ୍ଡ ଭୋଟ୍ ପାଇଥିବାବେଳେ ଗୋବିନ୍ଦ ସାହୁ ୨୨ ଖଣ୍ଡ ଭୋଟ୍ ପାଇଥିଲେ। ଯୁଗ୍ମ ସମ୍ପାଦକ ପାଇଁ ସୁରଜ ପାତ୍ର ଏବଂ କୋଷାଧ୍ୟକ୍ଷ ପାଇଁ କୈଳାସ ଶବର ଜଣେ ଲେଖାଏଁ ନାମାଙ୍କନ ପତ୍ର ଦେଇଥିଲେ। ତେଣୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବ ମନୋଜ ରତ୍ନାଲୁ ଏବଂ ସହ ନିର୍ବାଚନ ଅଧିକାରୀ ପ୍ରବିଣ ପଟ୍ଟନାୟକ ଉପସ୍ଥିତ ରହି ନିର୍ବାଚନ କାର୍ଯ୍ୟ ପରିଚାଳନା କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଦୁଇ ଗୁରୁତର

**କୋରୁକୋଣ୍ଡା,୩୦।୩(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ସଦର ଦମକଳ କେନ୍ଦ୍ର ନିକଟ ବୁଲାଣିରେ ଏକ ମୋଟର ସାଇକଲ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, କୌଣସି କାମରେ ପୋଟ୍ରେଲ ଗ୍ରାମର ରାମ ଖରା ଏବଂ ଦଶରଥ ପଡ଼ିଆମୀ ମାଲକାନଗିରି ଯାଇ ଘରକୁ ମୋଟର ସାଇକଲରେ ଫେରୁଥିବା ସମୟରେ ଦ୍ରୁତ ଗାଡ଼ିଚାଳନା ହେତୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ଦମକଳ କେନ୍ଦ୍ର ନିକଟରେ ମୁଖ୍ୟ ରାସ୍ତାଠାରୁ ପ୍ରାୟ ୫୦ ମିଟର ଦୂରକୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣାଟି ଦମକଳ କେନ୍ଦ୍ର ନିକଟରେ ହୋଇଥିବା କାରଣରୁ ତୁରନ୍ତ ଦମକଳ କେନ୍ଦ୍ର କର୍ମଚାରୀମାନେ ସେମାନଙ୍କୁ କୋରୁକୋଣ୍ଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ।

## ସୀମାନ୍ତରେ ୩ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୩୦।୩(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲ୍ଲାରେ ୧ ଲକ୍ଷ ଟଙ୍କା ଇନାମୀ ମାଓବାଦୀଙ୍କ ସହ ତିନି ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତଥ୍ୟ ଅନୁଯାୟୀ, ଦାନ୍ତେୱାଡା ଜିଲ୍ଲା ପିଟେପାଲ ପଞ୍ଚାୟତ




ଡିଏକେଏମ୍‌ଏସ୍ ଅଧ୍ୟକ୍ଷ ତଥା ୧ ଲକ୍ଷ ଇନାମୀ ମୁନ୍ନା ଭୋଗାମ ଓରଫ ବୁଜବା, ଫୁଲଗଟା ପଞ୍ଚାୟତ ସିଏନ୍‌ଏମ୍ ସଦସ୍ୟ ରମେଶ ଭୋଗାମ ଓ ଅଭିନାଶ କୋରାମ ଏହି ତିନିଜଣ ମାଓବାଦୀ ଶନିବାର ସଂଗଠନ ଛାଡ଼ି ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ଏହି ତିନି ମାଓବାଦୀ ଭୈରମଗଡ଼ ଏରିଆ କମିଟିର ପିଟେପାଲ ପଞ୍ଚାୟତ ଏବଂ ମଲାଙ୍ଗେର ଏରିଆ କମିଟିର ରେବାଲୀ ମାଓ ସଂଗଠନରେ ସକ୍ରୀୟ ଥିଲ। ତେବେ ଏହି ତିନିଜଣ ଆତ୍ମସମର୍ପଣ କରିବାରେ ଆର୍‌ଏଫଟି, ସିଆରପିଏଫ, ଦାନ୍ତେୱାଡା ଓ ୨୩୧ ବାଟାଲିୟନ ସିଆରପିଏଫ ବାହିନୀଙ୍କ ଯୋଗଦାନ ରହିଛି। ଆତ୍ମସମର୍ପଣ କରିଥିବା ଏହି ତିନିଜଣଙ୍କୁ ଥଇଥାନ ନୀତି ଅନୁଯାୟୀ, ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା ସହ ଜଣଙ୍କୁ ୨୫ ହଜାର ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏଥିସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ମଧ୍ୟ ପ୍ରଦାନ କରାଯିବ ବୋଲି ପୁଲିସ ପକ୍ଷରୁ ସୁଚନା ଦିଆଯାଇଛି।

### ■ ରାୟଗଡ଼ା ଓକିଲ ସଂଘ ନିର୍ବାଚନ ଫଳାଫଳ ଘୋଷଣା

## ପଦ୍ମନାଭ ଦାଶ ସଭାପତି ଓ ବିଶ୍ୱନାଥ ଗନ୍ତାୟତ ସାଧାରଣ ସମ୍ପାଦକ



**ରାୟଗଡ଼ା,୩୦।୩(ସମିସ):** ରାୟଗଡ଼ା ଓକିଲ ସଂଘର ନିର୍ବାଚନକୁ ନେଇ ଶନିବାର ପୂର୍ବାହ୍ଣରେ ଭୋଟଦାନ ଅନୁଷ୍ଠିତ ହୋଇଥିବାବେଳେ ଅପରାହ୍ଣରେ ଗଣତି ପରେ ଫଳାଫଳ ଘୋଷଣା ହୋଇଥିଲା। ଓକିଲ ସଂଘର ସଭାପତି ପଦ ନିମନ୍ତେ ଓକିଲ ପଦ୍ମନାଭ ଦାଶ, ପି.ଜଗନମୋହନ ଏବଂ ବିଭୁଦ କୁମାର ପ୍ରଧାନଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହୋଇଥିଲା। ଏଥିରେ ସଂଘର ୧୭୪ ଜଣ ସଦସ୍ୟ ନିଜ ଭୋଟଦାନ କରିଥିଲେ। ସଭାପତି ପ୍ରାର୍ଥୀ ବିଭୁଦ ପ୍ରଧାନଙ୍କୁ ୪୯ ଖଣ୍ଡ ଭୋଟ୍ ମିଳିଥିବାବେଳେ ପି.ଜଗନମୋହନଙ୍କୁ ୫୬ ଏବଂ ପଦ୍ମନାଭ ଦାଶଙ୍କୁ ସର୍ବାଧିକ ୫୯ ଖଣ୍ଡ ଭୋଟ୍ ମିଳିଥିଲା। ନିକଟତମ ପ୍ରତିଦ୍ୱନ୍ଦ୍ୱି ପି.ଜଗନମୋହନଙ୍କୁ ୩ ଖଣ୍ଡ ଭୋଟ୍ ବ୍ୟବଧାନରେ ପରାସ୍ତ କରି ପଦ୍ମନାଭ ଦାଶ ଓକିଲ ସଂଘର ନୂତନ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ବିଶ୍ୱନାଥ ଗନ୍ତାୟତ ସାଧାରଣ ସମ୍ପାଦକ ଏବଂ ଉପସଭାପତି ୱେଦୁ ଶ୍ରୀନିବାସ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଯୁଗ୍ମ ସମ୍ପାଦକ ପଦରେ ଶୁଭ୍ରକାନ୍ତି ବେହେରା ୯୦ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଥିବାବେଳେ ପ୍ରତିଦ୍ୱନ୍ଦ୍ୱି ଜି.କ୍ରିଷ୍ଣା ଦାସଙ୍କୁ ୭୦ ଖଣ୍ଡ ଭୋଟ୍ ମିଳିପାରିଥିଲା। ସେହିପରି ୧୧୯ ଖଣ୍ଡ ଭୋଟ୍ ପାଇ କୋଷାଧ୍ୟକ୍ଷ ଭାବେ ନୀଳାଞ୍ଚଳ ବିଶୋୟୀ ନିର୍ବାଚିତ ହୋଇଥିବାବେଳେ ପ୍ରତିଦ୍ୱନ୍ଦ୍ୱି ଜଳନ୍ଧର କୁଲଦୀପଙ୍କୁ ୪୫ ଖଣ୍ଡ ଭୋଟ୍ ମିଳିପାରିଥିଲା। ଓକିଲ ସଂଘର ଏହି ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ନବ କାଣ୍ଟା ଦାୟିତ୍ୱ ତୁଲାଇଥିବାବେଳେ ଓକିଲ ସୁନୀଲ ନାୟକ, ୱାଇ.ଶ୍ରୀହରୀ ଏବଂ ଅରୁଣ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ। ସଭାପତି ଭାବେ ଶ୍ରୀ ଦାସ ନିର୍ବାଚିତ ହେବା ପରେ ଓକିଲମାନଙ୍କ ପାଇଁ ଥିବା ମୃତ୍ୟୁକାଳୀନ ସହାୟତାକୁ ୫୦ ହଜାର ଟଙ୍କାକୁ ବୃଦ୍ଧି କରିବା, ସମସ୍ତ ଓକିଲଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଲାଗୁ କରିବା ଏବଂ ଜୟପୁରରେ ଥିବା ଭିଜିଲାନ୍ସ କୋର୍ଟ ରାୟଗଡ଼ାରେ ସାର୍କିଟ୍ କୋର୍ଟ ହେଉଥିବା ହେତୁ ତାହାକୁ ରାୟଗଡ଼ାରେ ସ୍ଥାୟୀ ଭିଜିଲାନ୍ସ କୋର୍ଟ କରିବା ପାଇଁ ସେ ସମ୍ପୂର୍ଣ୍ଣ ରୂପେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି। ତାଙ୍କୁ ସଭାପତି ଭାବେ ନିର୍ବାଚିତ କରିଥିବାରୁ ସେ ଓକିଲ ସଂଘର ସମସ୍ତ ସଦସ୍ୟସଦସ୍ୟାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାୟଗଡ଼ାର ବିଭିନ୍ନ ମହଲରୁ ଏବେ ନିର୍ବାଚିତ ପଦାଧିକାରୀଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## 'କାୟାକଳ୍ପ'ରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ରାଜ୍ୟରେ ପ୍ରଥମ




**ଚିତ୍ରକୋଣ୍ଡା,୩୦।୩(ସମିସ):** ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆ ଯାଉଥିବା 'କାୟାକଳ୍ପ' ସମ୍ମାନରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ୨୦୨୩-୨୪ ବର୍ଷ ପାଇଁ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଲକାନଗିରି ଜିଲ୍ଲାର ଚିତ୍ରକୋଣ୍ଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଏହି ସମ୍ମାନ ମିଳିଛି। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ରାଜ୍ୟରେ ପ୍ରଥମ ହେବା ଫଳରେ ଏହାର ଆହୁରି ଉନ୍ନତିକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ୧୫ ଲକ୍ଷ ଟଙ୍କାର ଅର୍ଥରାଶି ପୁରସ୍କାର ଭାବରେ ମିଳିବ। ମଙ୍ଗଳବାର ଭୁବନେଶ୍ୱର ସ୍ଥିତ ଲୋକସେବା ଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ମହନ୍ତ ଏହି ପୁରସ୍କାରର ଶ୍ରେୟ ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ଦେଇଛନ୍ତି। ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ଏହି ପୁରସ୍କାର ମିଳିଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଖୁସି ପ୍ରକଟ କରିଛନ୍ତି।

## କଂଗ୍ରେସ ପକ୍ଷରୁ ୧୦ ଗ୍ୟାରେଣ୍ଟିକୁ ନେଇ କର୍ମୀ ସମ୍ମିଳନୀ



**କଲ୍ୟାଣସିଂହପୁର,୩୦।୩(ସମିସ):** ରାଜ୍ୟ କଂଗ୍ରେସ ପକ୍ଷରୁ ଜାରି ହୋଇଥିବା ୧୦ ଗ୍ୟାରେଣ୍ଟିକୁ ନେଇ ବ୍ଲକ୍ କଂଗ୍ରେସ ସଭାପତି ସିଏଚ୍ ନାଗେଶ୍ୱର ରାଓଙ୍କ ନେତୃତ୍ୱରେ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଚଳିତ ନିର୍ବାଚନରେ କଂଗ୍ରେସ ପକ୍ଷରୁ ୧୦ଟି ଗ୍ୟାରେଣ୍ଟି ପ୍ରସ୍ତାବ ରଖିଛନ୍ତି। ଚାଷୀଙ୍କୁ ବୋନସ୍ ସହ ଧାନର କ୍ରୟ ମୂଲ୍ୟ କ୍ୱିଣ୍ଟାଲ ୩ ହଜାର ଟଙ୍କା ଓ କୃଷି ଋଣ ଛାଡ଼, ପ୍ରତ୍ୟେକ ଘରୋଇ ବିଜୁଳି ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ବିଦ୍ୟୁତ ଦେୟ ଛାଡ଼, ୫ ଲକ୍ଷ ଯୁବକଯୁବତୀଙ୍କୁ ନିଯୁକ୍ତି, ସମସ୍ତ ମହିଳା ଏସ୍‌ଏଚଜି ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ଼, ଗୃହଲକ୍ଷ୍ମୀ ଯୋଜନାରେ ପ୍ରତି ଘରର ମୁଖ୍ୟଙ୍କୁ ମାସିକ ୨ ହଜାର ଟଙ୍କା ଭତ୍ତା, ପ୍ରତି ପରିବାରକୁ ମାସକୁ ୫ ଟଙ୍କାରେ ଗୋଟିଏ ସିଲିଣ୍ଡର, ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣାରେ ଚିକିତ୍ସା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା ମାସିକ ୨ ହଜାର ଟଙ୍କା, ରାଜ୍ୟରେ ଜାତିଭିତ୍ତିକ ସାମାଜିକ ଓ ଆର୍ଥିକ ସର୍ଭେ ପୂର୍ବରୁ ଶିକ୍ଷାନୁଷ୍ଠାନ ଓ ଚାକିରି କ୍ଷେତ୍ରରେ ପଛୁଆ ବର୍ଗ ପାଇଁ ୨୭% ସଂରକ୍ଷଣ ବ୍ୟବସ୍ଥାର ୧୦ଟି ଗ୍ୟାରେଣ୍ଟିକୁ ନେଇ ବ୍ଲକରେ ସମସ୍ତ ଲୋକଙ୍କ ନିକଟରେ ପହଞ୍ଚି ରାଜ୍ୟ ସରକାରଙ୍କ ଦୁର୍ନୀତି ଓ କଂଗ୍ରେସର ୧୦ଟି ଗ୍ୟାରେଣ୍ଟି କହିବ ଓ ଚଳିତ ନିର୍ବାଚନରେ ବିଷମକଟକ ନିର୍ବାଚନମଣ୍ଡଳୀରେ କଂଗ୍ରେସ ନିଶ୍ଚିତ ବିଜୟଲାଭ କରିବ ବୋଲି ବ୍ଲକ୍ କଂଗ୍ରେସ କମିଟି ପକ୍ଷରୁ କୁହାଯାଇଛି।

## ରାଧାକ୍ରିଷ୍ଣ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଗୁଡ଼ାରୀ,୩୦।୩(ସମିସ):** ଗତ ଶୁକ୍ରବାର ଗୁଡ଼ାରୀ ରାଧାକ୍ରିଷ୍ଣ ଇଂରାଜୀ ବିଦ୍ୟାଳୟର ଷଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଳକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସାଙ୍ଗୁଡ଼ା ରୂପା ମାଝି, ସମ୍ମାନିତ ଅତିଥି ଭାବରେ ଗୁଡ଼ାରୀ ଥାନାଧିକାରୀ ସମର୍ପିତା ସ୍ୱାଇଁ, ମୁଖ୍ୟବକ୍ତା ଥିଲେ ଗୁଡ଼ାରୀ (ସ୍ନାତକ) ବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟାପକ ଗୌରୀ ପ୍ରସାଦ ଦାସ ଯୋଗଦେଇଥିଲେ। ଏତଦ୍ ବ୍ୟତୀତ ଅଧ୍ୟକ୍ଷ ଜଗଦୀଶ ପାଣିଗ୍ରାହୀ, ସଚିବ ସନ୍ତୋଷ କୁମାର ତୁଳ, ଏ.ୱାଇକୁଣ୍ଟାଙ୍କୁ ମଧ୍ୟ ମଞ୍ଚରେ ଦେଖିବାକୁ ମିଳିଥିଲା। ଅତିଥିମାନଙ୍କୁ ଫୁଲତୋଡ଼ା ଦେଇ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ସମ୍ମାନିତ କରିଥିଲେ। ପରେ ଶ୍ରୀ ତୁଳ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ମଞ୍ଚରେ ପ୍ରଥମେ ମୁଖ୍ୟବକ୍ତା ଶ୍ରୀ ଦାସ ଶିକ୍ଷା କ୍ଷେତ୍ରରେ ଉନ୍ନତି କରିବା ପାଇଁ ହେଲେ ନିଜର ଲକ୍ଷ୍ୟକୁ ଆଖି ଆଗରେ ରଖିବା ଆବଶ୍ୟକ ବୋଲି କହିବା ସହ ଗୋଟିଏ ବେଙ୍ଗ ଉପରେ ଏକ ଛୋଟିଆ ଗଳ୍ପ ମଧ୍ୟ ମଞ୍ଚରେ ଉପସ୍ଥାପନ କରିଥିଲେ। ପରେ ସମସ୍ତ ଅତିଥି ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେଶର ଏବଂ ନିଜ ସଭ୍ୟତା ସମାଜର ମେରୁଦଣ୍ଡ ବୋଲି କହିବା ସହ ରାଜ୍ୟ ତଥା ଦେଶ ବିଦେଶରେ ନାମ କମେଇବାକୁ ହେଲେ ଶିକ୍ଷା ନିତାନ୍ତ ଆବଶ୍ୟକ ବୋଲି ନିଜ ନିଜର ମତପ୍ରକାଶ କରିଥିଲେ। ପରେ ବାର୍ଷିକ କ୍ରୀଡ଼ାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ କୁନିକୁନି ଛାତ୍ରଛାତ୍ରୀମାନେ ମଞ୍ଚରେ ନୃତ୍ୟ ପରିବେଷଣ କରିଥିଲେ।

### ଚାନ୍ଦିଲି ପୁଲିସକୁ ବଡ଼ ସଫଳତା; ୩ ଚୋରି ମାମଲାରେ ସମ୍ପୃକ୍ତ ଚୋର ଗିରଫ

# ୨ଟି ଚୋରି ବାଇକ୍, ଦେଢ଼ ଲକ୍ଷ ଟଙ୍କା ଓ ଅଳଙ୍କାର ଜବତ

**ରାୟଗଡ଼ା,୩୦।୩(ସମିସ)**

ରାୟଗଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରିଶ ବିସିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାରେ ବୃଦ୍ଧି ପାଉଥିବା ଚୋରି ମାମଲାକୁ ନିୟନ୍ତ୍ରଣ କରିବା ସକାଶେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବା ସହ ଅଭିଯୋଗକାରୀଙ୍କୁ ଯଥାସମ୍ଭବ ଚୋରି ସାମଗ୍ରୀ ଉଦ୍ଧାର କରି ଫେରାଇବା ନିମନ୍ତେ ଉଚିତ୍ ପୁଲିସ ସେବା ଯୋଗାଇବା ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଚାନ୍ଦିଲି ଥାନାର ୨ଟି ଏବଂ ରାୟଗଡ଼ା ଥାନାର ଗୋଟିଏ ଚୋରି ମାମଲାରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥାଇ ଫେରାର୍ ଥିବା ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଶନିବାର ଚାନ୍ଦିଲି ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାୟଗଡ଼ା ଏସଡିପିଓ ରଶ୍ମିରଞ୍ଜନ ବେହେରା ପ୍ରକାଶ କରିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ଜେକେପୁର ଆଜାଦ ନଗର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ପୁଅ ପ୍ରଦୀପ ଜେନା ବୋଲି ଜଣାପଡ଼ିଛି। ଅଭିଯୁକ୍ତ ପ୍ରଦୀପଠାରୁ ଚୋରି ହୋଇଥିବା ନଗଦ ଦେଢ଼ଲକ୍ଷ ଟଙ୍କା, ଦୁଇଟି ବାଇକ୍ ସମେତ ଦୁଇ ହଳ ସୁନା କାନଫୁଲ, ହାତଘଣ୍ଟା, ଦୁଇଟି ସୁନା ନାକ ରିଙ୍ଗ, ୬ହଳ ରୁପା ପାଉଁଜି, ରୁପା ଲକ୍ଷ୍ମୀ ମୂର୍ତ୍ତି, ରୁପା ପୂଜା ଷ୍ଟାଣ୍ଡ ଏବଂ ଚୋରି କରିବାରେ ବ୍ୟବହୃତ ସରଞ୍ଜାମଗୁଡ଼ିକୁ ଜବତ କରାଯାଇଥିବା ନେଇ ଏସଡିପିଓ ଶ୍ରୀ ସେନାପତି ପ୍ରକାଶ କରିଛନ୍ତି।



ଗତ ୨୮ ତାରିଖରେ ଜେକେପୁରର ଦେବାନଗୁଲା ସାହିରେ ରହୁଥିବା ଶିକ୍ଷକ ଲୋକନ ଶବର ପ୍ରତିଦିନ ଭଳି ନିଜ କାର୍ଯ୍ୟସ୍ଥଳ ବାଙ୍କିଲି ଉଚ୍ଚ ବିଦ୍ୟାଳୟକୁ ଯାଇଥିବାବେଳେ ଉକ୍ତ ଦିନ ଅଭିଯୁକ୍ତ ପ୍ରଦୀପଙ୍କ ସମେତ ଅନ୍ୟ ଦୁଇଜଣ ମିଶି ତାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ତାଲା ଭାଙ୍ଗି ନଗଦ ଦେଢ଼ ଲକ୍ଷ ଟଙ୍କା, ସୁନା-ରୁପା ଅଳଙ୍କାର ସମେତ ଦାମୀ ବୈଦ୍ୟୁତିକ ସାମଗ୍ରୀ ଭଳି ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ସ୍କୁଲରୁ ଫେରି ଶିକ୍ଷକ ନିଜ ଘରେ ଚୋରି ହୋଇଥିବା ଜାଣିବାକୁ ପାଇ ଚାନ୍ଦିଲି ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ କରି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ପ୍ରଦୀପକୁ ଗିରଫ କରିବାରେ ସଫଳ ହୋଇଥିଲେ। ଜେରା ସମୟରେ ଚାନ୍ଦିଲି ଥାନା ଓ ରାୟଗଡ଼ା ଥାନାରେ ହୋଇଥିବା ବାଇକ୍ ଚୋରି ମାମଲାରେ ଅଭିଯୁକ୍ତ ପ୍ରଦୀପଠାରୁ ୨ଟି ବାଇକକୁ ଜବତ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଚାନ୍ଦିଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ସମେତ ଥାନାର ଏସଆଇ, ଏଏସଆଇ ଓ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

## ବେଦାନ୍ତ ପକ୍ଷରୁ ଯୁବପିଢ଼ିଙ୍କ ଦକ୍ଷତା ବିକାଶ ପାଇଁ ଉଦ୍ୟମ

# ୩ ବର୍ଷରେ ୧୩୦୦ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ ଲକ୍ଷ୍ୟ

ମୁନିଗୁଡ଼ା,୩୦।୩(ସମିସ)

ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ୍ ସୀମାନ୍ତ ଲାଞ୍ଜିଗଡ଼ ବେଦାନ୍ତ ଆଲୁମିନା ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମର ଏକ ୟୁନିଟ୍ ଓଏସଡିଏ (ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟି), ଓଡ଼ିଶା ସରକାରଙ୍କ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବା ସହ ଆଗାମି ୩ ବର୍ଷ ମଧ୍ୟରେ ୧୩୦୦ରୁ ଅଧିକ ଯୁବକଯୁବତୀଙ୍କର ଦକ୍ଷତା ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ଏହାର ଦକ୍ଷତା

**● ଓଡ଼ିଶା ସରକାର ଓ କମ୍ପାନୀ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର**

ତାଲିମ ପଦକ୍ଷେପ କଳାହାଣ୍ଡି ଜିଲ୍ଲାର ଗ୍ରାମାଞ୍ଚଳ, ବେକାର ଯୁବକଯୁବତୀମାନଙ୍କୁ ସାମାଜିକ-ଅର୍ଥନୈତିକ ପ୍ରତିବନ୍ଧକ ହେତୁ ବିଦ୍ୟାଳୟ ଛାଡ଼ିଥିବା ନିରନ୍ତର ଜୀବିକା ନିର୍ବାହ ପାଇଁ ସହାୟତା କରିଆସୁଛି। ନାବାର୍ଡ (ନ୍ୟାସନାଲ ବ୍ୟାଙ୍କ ଫର କୃଷି ଏବଂ ଗ୍ରାମୀଣ ବିକାଶ) ଏବଂ ଅନ୍ୟାନ୍ୟ ପ୍ରସିଦ୍ଧ ଅନୁଷ୍ଠାନ ସହିତ ବିଭିନ୍ନ ସହଭାଗିତା ମାଧ୍ୟମରେ ଏହି ପଦକ୍ଷେପର ପରିସରକୁ ବ୍ୟାପକ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି। ୨୦୨୨ଠାରୁ ଏହି କାର୍ଯ୍ୟକ୍ରମ କଳାହାଣ୍ଡି ଜିଲ୍ଲାର ଗ୍ରାମାଞ୍ଚଳର ଯୁବକଯୁବତୀମାନଙ୍କୁ ଖାଦ୍ୟ, ପାନୀୟ, ଟେକ୍ସଟାଇଲ୍ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ଶିଳ୍ପ ସହିତ ରୋଜଗାରର ସୁଯୋଗ ପାଇଁ ତାଲିମ ଦେଇଥିବାବେଳେ ବିଭିନ୍ନ ଚାକିରି ଭୂମିକାରେ ସେମାନଙ୍କୁ ଅଭିଜ୍ଞତା ପ୍ରଦାନ କରିବାକୁ ଶିଳ୍ପ ପରିଦର୍ଶନ ବ୍ୟବସ୍ଥା ମଧ୍ୟ କରାଯାଇଛି।



ଏ ପର୍ଯ୍ୟନ୍ତ ୨୦୦ରୁ ଅଧିକ ଯୁବକଯୁବତୀଙ୍କୁ ଷ୍ଟିୱାର୍ଡସିପ୍, ସିଲେଇ ମେସିନ୍ ଅପରେସନ୍ ଏବଂ ବୈଦ୍ୟୁତିକ ରକ୍ଷଣାବେକ୍ଷଣ ପରି ବିଭିନ୍ନ କୌଶଳ ଉପରେ ତାଲିମ ଦିଆଯାଇଛି।

ନିଯୁକ୍ତିଦାତାମାନଙ୍କ ସହିତ ସଂଯୋଗ ସ୍ଥାପନ ପାଇଁ ଜାରି ପ୍ରତିବଦ୍ଧତା, ୭୫% ପ୍ଲେସମେଣ୍ଟ ରେକର୍ଡ ହାସଲ କରି ଯୁବକଯୁବତୀମାନଙ୍କୁ ରାମୋଜି ଫିଲ୍ମ ସିଟି, ତାଜ୍ ଗ୍ରୁପ୍ ଅଫ୍ ହୋଟେଲ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ସଂସ୍ଥାରେ ସ୍ଥାନିତ କରାଯାଇଛି। ଉଦ୍ୟୋଗୀମାନଙ୍କର ଉନ୍ନତି ପାଇଁ ଏକ ଦୃଢ଼ ତଥା ସହାୟକ ପରିବେଶ ସୃଷ୍ଟି କରିବା ହେତୁ ଏହି ଅଞ୍ଚଳର ଅନେକ ଯୁବକଯୁବତୀ ଚାକିରି କରିବାକୁ ଚାହୁଁନାହାନ୍ତି। ସେଥିପାଇଁ ଅଭିନବ ତଥା ଉଦ୍ୟୋଗିତା ପ୍ରତିପୋଷଣ, ସାମୂହିକ ଶକ୍ତି ଏବଂ ସମ୍ବଳ ବ୍ୟବହାର କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଚିହ୍ନିତ କରିଛି। ମିଳିତ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜିଏସ)ର ଉପଯୁକ୍ତ କାର୍ଯ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି, ଅସମାନତା ହ୍ରାସ (ଏସଡିଜି୧୦), ଏବଂ ଭାଗିଦାରୀ ପାଇଁ ଲକ୍ଷ୍ୟ (ଏସଡିଜି୧୭) ସହିତ ଏହି ପ୍ରୟାସ ଅତି ନିକଟତର ହୋଇଛି। ଯୁବକମାନଙ୍କୁ ଆତ୍ମନିର୍ଭରଶୀଳତା ପାଇଁ ସଶକ୍ତୀକରଣ କରିବା ଆମର ପ୍ରତିବଦ୍ଧତା ଅଟେ। ଆମେ କେବଳ ବ୍ୟକ୍ତିଗତ ଭବିଷ୍ୟତ ଗଠନ କରୁନାହୁଁ, ବରଂ ସେମାନଙ୍କୁ ଉଦ୍ୟୋଗୀ କୌଶଳ ଏବଂ ଆର୍ଥିକ ରୂପେ କୁଶଳୀ କରାଇବା ସହିତ ସମଗ୍ର ସମ୍ପ୍ରଦାୟର ବିକାଶ ଦିଗରେ କାର୍ଯ୍ୟ କରୁଛୁ। ଯେହେତୁ ଆମେ ଆତ୍ମନିର୍ଭରଶୀଳ ହେବା ପାଇଁ ବାଟ ଖୋଲିଛୁ, ଆମେ ଏକ 'ଆତ୍ମନିର୍ଭର ଭାରତ' ପାଇଁ ଏକ ଭିତ୍ତିପ୍ରସ୍ତର ସ୍ଥାପନ କରୁଛୁ-ଏକ ରାଷ୍ଟ୍ର, ନୂତନତା, ସ୍ୱାଧୀନତା ଏବଂ ସମୃଦ୍ଧତା ଦ୍ୱାରା ପରିଚାଳିତ ବୋଲି ବେଦାନ୍ତ ଲିମିଟେଡ୍ ସିଇଓ-ଆଲୁମିନା ବ୍ୟବସାୟ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଥିବାବେଳେ ଆମର ଏଠାରେ ଥିବା କୌଶଳ ବିକାଶ ପ୍ରତିଭା ଦ୍ୱାରା କଳାହାଣ୍ଡିର ଭବିଷ୍ୟତକୁ ସୁରକ୍ଷିତ ରଖିବା ଦିଗରେ ଦକ୍ଷତା ତାଲିମ କାର୍ଯ୍ୟକ୍ରମ ଏକ ସକାରାତ୍ମକ ପଦକ୍ଷେପ। ଏହି ସହଯୋଗ ମାଧ୍ୟମରେ ଆମେ ସାମାଜିକ-ଅର୍ଥନୈତିକ ଉନ୍ନତି ଏବଂ ସମଗ୍ର ଜିଲ୍ଲାର ସମ୍ପ୍ରଦାୟର ଉନ୍ନତି ପାଇଁ ଉନ୍ନତ ସୁଯୋଗକୁ ସକ୍ଷମ କରିପାରିବା। ସ୍ଥାୟୀ ଜୀବିକା, ଗୁଣାତ୍ମକ ଶିକ୍ଷା, ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟ, ଜଳ ଏବଂ ପରିମଳ ଏବଂ ସମ୍ପ୍ରଦାୟର ଭିତ୍ତିଭୂମି କ୍ଷେତ୍ରରେ ବେଦାନ୍ତ ଲାଞ୍ଜିଗଡ଼ର ସାମାଜିକ ହସ୍ତକ୍ଷେପ ୬୭ରୁ ଅଧିକ ଗ୍ରାମ ଏବଂ ନିକଟବର୍ତ୍ତୀ ଅଞ୍ଚଳରେ ପହଞ୍ଚିଛି। ବେଦାନ୍ତ ଦକ୍ଷତା ତାଲିମ ପଦକ୍ଷେପ ୨୦୦ରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ସୂଚିତ କରେ ଯେଉଁଥିରେ ଯୁବକ ଏବଂ ଏହାର ୬୦% ମହିଳା ଅଟନ୍ତି। ଏହା ୩୭୮ରୁ ଅଧିକ ଏସଏଚଜିରୁ ୪ ହଜାରରୁ ଅଧିକ ମହିଳାଙ୍କୁ ସଶକ୍ତ କରିଛି। ବାର୍ଷିକ ପ୍ରାୟ ୬୦ ହଜାର ଲୋକଙ୍କୁ ଗୁଣାତ୍ମକ ଏବଂ ଦ୍ୱାରସ୍ଥ ସ୍ୱାସ୍ଥ୍ୟସେବା ଯୋଗାଇଛି। କମ୍ପାନୀ ଲାଞ୍ଜିଗଡ଼ର ପ୍ରଥମ ଇଂରାଜୀ ମାଧ୍ୟମ ବିଦ୍ୟାଳୟ- ଡିଏଭି ବେଦାନ୍ତ ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରତିଷ୍ଠା କରିଛି। ପ୍ରାୟ ୨୦୦ ଯୁବକଙ୍କୁ କ୍ରୀଡ଼ା ଏବଂ ଦକ୍ଷତା ମାଧ୍ୟମରେ ତାଲିମ ପ୍ରଦାନ କରି ସଶକ୍ତ କରିଛି ବୋଲି କଳାହାଣ୍ଡି ଜିଲ୍ଲା ନିଯୁକ୍ତି ଅଧିକାରୀ ଅଜିତ କୁମାର ଉତରାୟ କହିଛନ୍ତି।

# ମୁକ୍ତ ଓ ସ୍ୱଚ୍ଛ ନିର୍ବାଚନ ପାଇଁ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ରାୟଗଡ଼ା,୩୦।୩(ସମିସ):** ମାଓପ୍ରବଣ ରାୟଗଡ଼ା ଜିଲ୍ଲାରେ ଶାନ୍ତିଶୃଙ୍ଖଳା ସହ ନିର୍ବାଚନ ପରିଚାଳନା କରିବା ପାଇଁ ରାୟଗଡ଼ା ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରିଶ ବିସିଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନ ପରିଚାଳନାରେ ରାୟଗଡ଼ା ପୁଲିସ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସିଆରପିଏଫ ଯବାନଙ୍କ ସହ ମିଶି ରାୟଗଡ଼ା ପୁଲିସ ମିଳିତ ଭାବେ ଏହି ଫ୍ଲାଗମାର୍ଚ୍ଚ କରାଯାଉଛି। ଶନିବାର ରାୟଗଡ଼ା ଥାନା ଅଧିକାରୀ କମଳାକାନ୍ତ ବସନ୍ତ କୁମାର କହଁରଙ୍କ ନେତୃତ୍ୱରେ ଥାନାର ଅନ୍ୟ ସବଇନ୍ସପେକ୍ଟର, ଏଏସଆଇ, କନଷ୍ଟେବଳଙ୍କ ସମେତ ରାୟଗଡ଼ାରେ ନିୟୋଜିତ ଥିବା ୪ର୍ଥ ବାଟାଲିୟନ ସିଆରପିଏଫର ଦୁଇ ପ୍ଲାଟୁନ୍ ଯବାନ ମିଶି ସହରର ରେଲି ସାହି, ପିଟଲା ସାହି, ପାଇକ ସାହି, ବ୍ରାହ୍ମଣ ସାହି, ଟ୍ରେଜେରୀ ରାସ୍ତା, ରାମକୃଷ୍ଣ ନଗର, ଜାଗିଲି ସାହି, ଶିରୀଗୁଡ଼ା, ତୁମ୍ବିଗୁଡ଼ା, ହାଉସିଂ ବୋର୍ଡ କଲୋନୀ, କସ୍ତୁରୀ ନଗର, ନେହେରୁ ନଗର, ବୁଦ୍ରାବାଲାସା, ଗାନ୍ଧୀନଗର, ଇନ୍ଦିରା ନଗର, କଲେଜ ରୋଡ୍, ରିଙ୍ଗ୍ ରୋଡ୍, ଚେକଗୁଡ଼ା, ଗୌତମ ନଗର, ରାଣୀଗୁଡ଼ା ଫାର୍ମ, ଫରେଷ୍ଟ କଲୋନୀ, ମା' ମଝିଘରିଆଣି ମନ୍ଦିର ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଥିଲେ। ନିର୍ବାଚନ ସମୟରେ କୌଣସି ପ୍ରକାର ବିଶୃଙ୍ଖଳା ପରିସ୍ଥିତିକୁ ଏଡ଼ାଇବା ସହ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଭୋଟରମାନେ ଯେମିତି ନିଜ ମନରେ କୌଣସି ପ୍ରକାର ଭୟଭ୍ରାନ୍ତି ରଖିବେ ନାହିଁ ଏବଂ ପୁଲିସ ପ୍ରଶାସନ ଆମ ପଛରେ ରହିଛି ବୋଲି ସର୍ବଦା ଅନୁଭବ କରିପାରିବେ ଓ କେହି ବି ନିର୍ବାଚନ ସମୟରେ କୌଣସି ପ୍ରକାର ଧମକଚମକ ଦେବା ତଥା ଭୋଟ୍ ଦେବା ପାଇଁ ମଦ, ଟଙ୍କା ଭଳି ଲାଳାୟତ କରିବାକୁ ଚେଷ୍ଟା କଲେ ସିଧାସଳଖ ପୁଲିସକୁ ସୂଚନା ଦେବା ପାଇଁ ଏବଂ ଭୋଟରମାନେ ମନରେ ଯେମିତି କୌଣସି ଭୟ ନ କରନ୍ତି ଏହାକୁ ଆଖି ଆଗରେ ରଖି ସହରର ଗଳିକନ୍ଦିରେ ପୁଲିସ ପକ୍ଷରୁ ଏହି ଫ୍ଲାଗମାର୍ଚ୍ଚ କରାଯାଉଛି ବୋଲି ରାୟଗଡ଼ା ଥାନା ଅଧିକାରୀ ଶ୍ରୀ କହଁର ପ୍ରକାଶ କରିଛନ୍ତି।

**● କଣ୍ଟାସାରୁରେ ଅବକାରୀ ଚଢ଼ଉ**

## ୨୦୦ ଲିଟର ପୋଚ ନଷ୍ଟ, ୨୦ ଲିଟର ଦେଶୀ ମଦ ଜବତ

**ପାପଡ଼ାହାଣ୍ଡି,୩୦।୩(ସମିସ):** ମୈଦଲପୁର ଥାନା ଅନ୍ତର୍ଗତ କଣ୍ଟାସାରୁ ଗ୍ରାମରେ ଶନିବାର ଅବକାରୀ ବିଭାଗର କର୍ମଚାରୀ ଚଢ଼ଉ କରି ୨୦୦ ଲିଟର ପୋଚ ନଷ୍ଟ କରିବା ସହ ୨୦ ଲିଟର ଦେଶୀ ମଦ ଜବତ କରିଛି। ଜିଲ୍ଲା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶରେ ନବରଙ୍ଗପୁର ଇନ୍ସପେକ୍ଟର ଦିଲ୍ଲୀପ ରଥଙ୍କ ନେତୃତ୍ୱରେ ପାପଡ଼ାହାଣ୍ଡି ଓଆଇସି ଦେଶରାଜ ସୁନା, ଏଏସଆଇ ସନୁ ସେଠିଆ, କନଷ୍ଟେବଳ ଗୋତୁଲ ନାୟକ, ଉତ୍ତମ ମହାକୁଡ଼ ଓ କାଳିମନୀ ମୁଦୁଲି ପ୍ରମୁଖ ଚଢ଼ଉ କରିଥିଲେ।

## ପୁଲିସ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**କୋରାପୁଟ,୩୦।୩(ସମିସ):** କୋରାପୁଟ ପୁଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କିଶୋର ଚନ୍ଦ୍ର ଦାଶ ଏବଂ ସିନିୟର ଷ୍ଟେନୋ ଗ୍ରାଫର ସର୍ବେଶ୍ୱର ସାହୁଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଡିଆଇଜିଙ୍କ



କାର୍ଯ୍ୟାଳୟରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂ ମିନା ଦୁଇ ପୁଲିସ ଅଧିକାରୀଙ୍କୁ ଉପଢୌକନ ପ୍ରଦାନପୂର୍ବକ ସେମାନଙ୍କର ସୁସ୍ଥ ନିରାମୟ ଜୀବନ କାମନା କରିଛନ୍ତି। ଦୁଇ ପୁଲିସ ଅଧିକାରୀଙ୍କ କର୍ମକୁଶଳତାକୁ ମଧ୍ୟ ଡିଆଇଜି ଶ୍ରୀ ମିନା ଭୂୟଶ୍ରୀ ପ୍ରଶଂସା କରିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୋରାପୁଟ ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାର ମଧ୍ୟ ଉପସ୍ଥିତ ଥିଲେ।

# ଆନ୍ଧ୍ରର ଗୁଣ୍ଟୁରରୁ ଫେରିଲା ଓଡ଼ିଆ ଶ୍ରମିକଙ୍କ ମୃତଦେହ

**ରାୟଗଡ଼ା,୩୦।୩(ସମିସ):** ରାୟଗଡ଼ା ଜିଲ୍ଲା ଶ୍ରମ ବିଭାଗ ଓ ଟିକିରି ଥାନା ପୁଲିସ ସହାୟତାରେ ଆନ୍ଧ୍ରପ୍ରଦେଶରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ଶନିବାର ଫେରିଲା ମୃତ ଦାଦନ ଶ୍ରମିକ ଲଦୀ ମାଝିଙ୍କ ମରଶରୀର। ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଶଙ୍କରଡ଼ା ଗ୍ରାମ ପଞ୍ଚାୟତ ଟିକିରି ଥାନା ଅନ୍ତର୍ଗତ ବାହାରକୁସୁମୀ ଗ୍ରାମରେ ପରିବାର ପକ୍ଷରୁ ମୃତ ଶ୍ରମିକଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ଆନ୍ଧ୍ର ପ୍ରଦେଶ ଗୁଣ୍ଟୁର ଜିଲ୍ଲାର ଗିରିଗିନୀ ଗ୍ରାମରେ ଥିବା ଏକ ଇଟାଭାଟିରେ କାମ କରିବାକୁ ଯାଇଥିବା ଲଦୀ ମାଝି ନାମକ ଦାଦନ ଶ୍ରମିକଙ୍କ ଗତ ୨୮ ତାରିଖ ସନ୍ଧ୍ୟାରେ ଅସୁସ୍ଥତା ହେତୁ ଗୁଣ୍ଟୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତେବେ ତାଙ୍କ ମରଶରୀରକୁ ନିଜ ଗାଁକୁ ଆଣି ଅନ୍ତିମ ସଂସ୍କାର କରିବାକୁ ଗରିବ ପରିବାର ଅର୍ଥାଭାବ ଯୋଗୁଁ ସମର୍ଥ ନ ଥିବାବେଳେ ଇଟାଭାଟି ମାଲିକ ନାଲିଆଖି ଦେଖାଉଥିଲେ। ଏ ନେଇ ଦୈନିକ ଖବର କାଗଜ 'ସକାଳ'ରେ 'ଆନ୍ଧ୍ର ଇଟାଭାଟିରେ କାମ କରିବାକୁ ଯାଇ ଶ୍ରମିକ ମୃତ' ଶୀର୍ଷକ ଖବର ପ୍ରକାଶିତ ହେବା ପରେ ତତ୍ପର ହୋଇ ଉଠିଥିଲା ଜିଲ୍ଲା ଶ୍ରମ ବିଭାଗ। ରାୟଗଡ଼ା ଜିଲ୍ଲା ଶ୍ରମ ବିଭାଗ ସହକାରୀ ଶ୍ରମ ଅଧିକାରୀ ସଞ୍ଜୟ କୁମାର ରଇତ ମୃତ ଶ୍ରମିକଙ୍କ ଘରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ପରେ ଟିକିରି ଥାନା ଅଧିକାରୀ ବିଶ୍ୱବନ୍ଦନୀ ବାଗଙ୍କ ସହ ଆଲୋଚନା କରି ଇଟାଭାଟି ମାଲିକଙ୍କ ଉପରେ ଚାପ ପକାଇବାରୁ ଲଦୀ ମାଝିଙ୍କ ମରଶରୀରକୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ପଠାଇବାର ବ୍ୟବସ୍ଥା କରିଥିଲେ। ଏହି ଆମ୍ବୁଲାନ୍ସରେ ଲଦୀ ମାଝିଙ୍କ ମରଶରୀରକୁ ନେଇ ଗ୍ରାମର ଅନ୍ୟ ୪ ଜଣ ଦାଦନ ଶ୍ରମିକମାନେ ମଧ୍ୟ ଫେରି ଆସିଥିବାବେଳେ ଉକ୍ତ ଇଟାଭାଟିରେ ଅନ୍ୟ ୭ଜଣ ମହିଳା ଓ ୩ ଜଣ ପୁରୁଷ ଶ୍ରମିକ ରହିଯାଇଥିବା ଜଣାପଡ଼ିଛି। ସହକାରୀ ଶ୍ରମ ଅଧିକାରୀ ଶ୍ରୀ ରଇତଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ ବାହାରକୁସୁମୀ ଗ୍ରାମର ଲଦୀ ମାଝିଙ୍କ ସମେତ ଅନ୍ୟମାନେ ଗତ ୩ ମାସ ପୂର୍ବରୁ ଜାନୁଆରୀ ମାସରେ ଗୁଣ୍ଟୁର ଜିଲ୍ଲାର ଗିରିଗିନୀ ଗ୍ରାମରେ ଥିବା ଏକ ଇଟାଭାଟିରେ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ସେଠାରେ ଅସୁସ୍ଥତା ଯୋଗୁଁ ଲଦୀ ମାଝିଙ୍କ ମୃତ୍ୟୁ ହୋଇଥିଲା। ମୃତ ଶ୍ରମିକ ଲଦୀ ମାଝି ଓଡ଼ିଶା ସରକାରଙ୍କ କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ନିଜ ନାମ ପଞ୍ଜିକୃତ କରାଇଥିବାରୁ ତାଙ୍କୁ ୨ ଲକ୍ଷ ୫ହଜାର ଟଙ୍କା ମୃତ୍ୟୁକାଳୀନ ସହାୟତା ରାଶି ମିଳିବାକୁ ନେଇ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ରଇତ ପ୍ରକାଶ କରିଥିବାବେଳେ ବର୍ତ୍ତମାନ ନିର୍ବାଚନ ଆଚାରଣ ସଂହିତା ନିୟମ ଲାଗୁ ଥିବାରୁ ତତକ୍ଷଣାତ୍ ଅନ୍ତିମ ସଂସ୍କାର ସହାୟତା ନିମନ୍ତେ କୌଣସି ପ୍ରକାର ସହାୟତା ଯୋଗାଇ ଦିଆଯାଇ ପାରିବ ନାହିଁ ବୋଲି କହିଛନ୍ତି।

**■ କାଶିପୁର ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ**

## କୌଶଲ୍ୟା ଓ ଅନସୂୟାଙ୍କ ପ୍ରାର୍ଥିତ୍ୱକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ

**ଟିକିରି,୩୦।୩(ସମିସ):** ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ଅନ୍ତର୍ଗତ ମୂଷୁରୀପଦର ସ୍ଥିତ ଏସଭିସି କ୍ରସର ନିକଟ ନୀଳଗିରି ବଗିଚାଠାରେ ଶନିବାର କାଶିପୁର ବିଜୁ ଜନତା ଦଳ ତରଫରୁ ଏକ କର୍ମୀ ସମ୍ମିଳନୀ କରାଯାଇଥିଲା। କୋରାପୁଟ ଲୋକସଭା ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା ଓ ରାୟଗଡ଼ା ବିଧାୟିକା ପ୍ରାର୍ଥିନୀ ଅନସୂୟା ମାଝୀଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଟିକଟ ଦେଇଥିବାରୁ ୬ଟି ପଞ୍ଚାୟତ ତରଫରୁ ଧନ୍ୟବାଦ ଜଣାଯାଇଛି। କାଶିପୁର ମାଟିର ଦୁଇ ଦୁଇଟି ସୁଯୋଗ୍ୟ ମହିଳା କୌଶଲ୍ୟା ଓ ଅନସୂୟାଙ୍କୁ ଚୟନ କରି ବିଜୁ ଜନତା ଦଳ ତରଫରୁ ମୁଖ୍ୟମନ୍ତ୍ରୀ ଟିକଟ ଦେଇଥିବାରୁ କାଶିପୁର ବ୍ଲକର ଗୋଡ଼ିବାଲି, ସିରିପାଇ, ଶଙ୍କରଡ଼ା, ବାଙ୍କାମ୍ବ, ହାଡ଼ିଗୁଡ଼ା, କୁଚେଇପଦର ସରପଞ୍ଚଙ୍କ ସମେତ ବିଜୁ ଜନତା ଦଳର ବହୁ କର୍ମୀ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**■ ପାନୀୟ ଜଳ ପାଇଁ ଡହଳବିକଳ ନୀଳାଦ୍ରିଗୁଡ଼ା ଗ୍ରାମବାସୀ**

## ନୂତନ ନଳକୂଅ ନ ହେଲେ ଭୋଟ୍ ବର୍ଜନ ଚେତାବନୀ



ପାପଡ଼ାହାଣ୍ଡି,୩୦।୩(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ନାକଟିଗୁଡ଼ା ପଞ୍ଚାୟତ ନୀଳାଦ୍ରିଗୁଡ଼ା ଗ୍ରାମରେ ବହୁ ଦିନ ହେଲା ପାନୀୟ ଜଳ ପାଇଁ ଡହଳବିକଳ ହେଉଛନ୍ତି ଗ୍ରାମବାସୀ। ପ୍ରଶାସନିକ ଅଧିକାରୀ ଓ ଜନପ୍ରତିନିଧିଙ୍କୁ ଅବଗତ କରାଯିବା ପରେ ବି କେହି କର୍ଣ୍ଣପାତ କରୁନାହାନ୍ତି। ସାହିରେ ତୁରନ୍ତ ନଳକୂଅ ଖନନ କରା ନ ଗଲେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିବାକୁ ସାହିବାସିନ୍ଦା ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ନୀଳାଦ୍ରିଗୁଡ଼ା ଗ୍ରାମରେ ପ୍ରାୟ ୧୫୦ ପରିବାର ବସବାସ କରୁଛନ୍ତି। ସାହିରେ ପାନୀୟ ଜଳ ଯୋଗାଣ ପାଇଁ ଟ୍ୟାପ୍ ବ୍ୟବସ୍ଥା ନାହିଁ। କିନ୍ତୁ ୨ଟି ନଳକୂଅ ରହିଛି। ଉକ୍ତ ୨ଟି ନଳକୂଅ ଉପରେ ଗ୍ରାମର ୫ଟି ସାହିର ଲୋକେ ନିର୍ଭର କରୁଛନ୍ତି। ଉକ୍ତ ଦୁଇ ନଳକୂଅରେ ଗୋଟେ ଗରା ପାଣି ପାଇଁ ଲୋକେ କାମଧନ୍ଦା ଛାଡ଼ି ପାଣି ନେବା ପାଇଁ ଅପେକ୍ଷା କରି ରହୁଛନ୍ତି। ସବୁବେଳେ ପାଣି ପାଇଁ ପରସ୍ପର ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଛି। ସାହିରେ ପାନୀୟ ଜଳ ପାଇଁ ଅନ୍ୟ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ପାଣି ପାଇଁ ହଇରାଣ ହେଉଛନ୍ତି। ଆଗକୁ ଖରାଦିନ ଆସୁଥିବାରୁ ପାଣି ପାଇଁ ହନ୍ତସନ୍ତ ହେବାକୁ ପଡ଼ିବ ବୋଲି ସାହିବାସିନ୍ଦା କହିଛନ୍ତି। କେବଳ ନିର୍ବାଚନ ସମୟରେ ନେତାମାନେ ସାହିରେ ପହଞ୍ଚି ମାଳମାଳ ପ୍ରତିଶ୍ରୁତି ଦେଉଛନ୍ତି। କିନ୍ତୁ ନିର୍ବାଚନ ସରିଲା ପରେ କାହାର ଦେଖା ମିଳୁ ନ ଥିବା ସାହିର ଲୋକେ କ୍ଷୋଭର ସହ କହିଛନ୍ତି। ପାନୀୟ ଜଳ ସମସ୍ୟା ନେଇ ନେତା ଓ ଜନପ୍ରତିନିଧିଙ୍କୁ ଜଣାଇବା ପରେ ମଧ୍ୟ ସାହିରେ ନୂତନ ନଳକୂଅ ଖନନ ହେଉ ନ ଥିବାରୁ ସାହିବାସିନ୍ଦା କ୍ଷୋଭ ପ୍ରକାଶ କରିଛନ୍ତି। ଯଦି ତୁରନ୍ତ ସାହିରେ ନୂତନ ନଳକୂଅ ଖନନ କରା ନ ଯାଏ, ତେବେ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରାଯିବ ବୋଲି ସାହିବାସିନ୍ଦା ଚେତାବନୀ ଦେଇଛନ୍ତି।

## ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ତେନ୍ତୁଳିଖୁଣ୍ଟି,୩୦।୩(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ପ୍ରକଳ୍ପ କଲେଜ ତଥା ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ଗଜେନ୍ଦ୍ର ବିଷୋଇଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସେ ୧୯୯୦ ମସିହାଠାରୁ ଏହି କଲେଜରେ ଶିକ୍ଷାଦାନ କରିଆସୁଥିଲେ। ଅଧ୍ୟାପକ ଶ୍ରୀ ବିଷୋଇ ବିଦ୍ୟାଳୟ ଅଧ୍ୟକ୍ଷ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଶିକ୍ଷାଦାନ ଆରମ୍ଭରୁ ଜଣେ ସୁଦକ୍ଷ ତଥା କର୍ତ୍ତବ୍ୟନିଷ୍ଠ ଅଧ୍ୟାପକ ଭାବରେ ନିଜ କର୍ତ୍ତବ୍ୟ ତୁଲାଇବା ସହ ପଦାର୍ଥ ବିଜ୍ଞାନ ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି କରିବାରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଅବସର ପରେ ତାଙ୍କ ସହକର୍ମୀ ଭାବବିହ୍ୱଳ ହେବା ସହ ବିଦ୍ୟାଳୟ ପାଇଁ ତାଙ୍କ ଭୂମିକା ଅବିସ୍ମରଣୀୟ ବୋଲି କହିଥିଲେ। ନିବେଦିତା ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅଧ୍ୟାପକ ଶ୍ରୀ ବିଷୋଇଙ୍କୁ ସଭାମଞ୍ଚରେ ଉପଢୌକନ ସହ ମାନପତ୍ର ଦେଇ ସମ୍ମାନିତ କରିଥିଲେ ସହକର୍ମୀ ବୃନ୍ଦ। ଏହି ସଭାରେ ଅଧ୍ୟାପକ ବିନୟକୁମାର ବେହେରା, ଯଶବନ୍ତ ବରାଳ, ପ୍ରିୟଦର୍ଶିନୀ ନାହାକ, ମନୋଜ କୁମାର ରଥ, ପଲ୍ଲିଶ୍ରୀ ନାୟକ, ଡ. ଅଶୋକ କୁମାର ଦାସବାବୁ, ବିମଳ କୁମାର ବେହେରା, ନିଶାମଣି ମାଝୀ, ବ୍ରଜକିଶୋର ରଥ, ବିଶାଖାମଞ୍ଜରି ମହାନ୍ତି, ମହେନ୍ଦ୍ର ମହାନ୍ତି, ମନୋଜ କୁମାର ଦାସଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପିକା ପ୍ରିୟଦର୍ଶିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




## ଜିଲ୍ଲା ଆଇନଜୀବୀ ସଂଘର ନିର୍ବାଚନ

# ସଭାପତି ତ୍ରିନାଥ ଓ ସମ୍ପାଦକ ଭାବେ ମହେନ୍ଦ୍ର ବିଜୟୀ

ଜୟପୁର,୩୦।୩(ସମିସ)

କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଆଇନଜୀବୀ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଥିଲା। ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଦାନ ଅନୁଷ୍ଠିତ ହୋଇଥିଲା। ଏଥିରେ ସମୁଦାୟ ୫୦୩ ଜଣ ଆଇନଜୀବୀ ଭୋଟରଙ୍କ ମଧ୍ୟରୁ ୪୪୪ ଜଣ ଭୋଟଦାନ କରିଥିଲେ। ଏଥିରେ ସଭାପତି ଭାବେ ତ୍ରିନାଥ ସିଂଲାଲ ରେକର୍ଡ ଭାବେ ନିକଟତମ ପ୍ରତିଦ୍ୱନ୍ଦ୍ୱି ପ୍ରଫୁଲ୍ଲ କୁମାର ଦାଶଙ୍କୁ ୩୧୨ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ବିଜୟୀ ସଭାପତି ସମୁଦାୟ ୩୭୭ ଖଣ୍ଡ ଭୋଟ୍ ପାଇଥିବାବେଳେ ପରାଜିତ ପ୍ରାର୍ଥୀ ମାତ୍ର ୬୫ ଖଣ୍ଡ ଭୋଟ୍ ପାଇଥିଲେ। ସେହିପରି ସମ୍ପାଦକ ଭାବେ ମହେନ୍ଦ୍ର ଅଧିକାରୀ ୩୦୫ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ପ୍ରତିଦ୍ୱନ୍ଦ୍ୱି ତଥା ପରାଜିତ ପ୍ରାର୍ଥୀ ଉଦିତ ପ୍ରତାପ ଖୋସ୍ଲାଙ୍କୁ ୧୭୭ ଖଣ୍ଡ ଭୋଟ ବ୍ୟବଧାନରେ ସେ ପରାସ୍ତ କରିଥିଲେ।

ଅପରାହ୍ନ ୪ଟାରୁ ଭୋଟ୍ ଗଣତି ଆରମ୍ଭ ହୋଇଥିଲା। ପ୍ରଥମେ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ୮ଜଣ ପ୍ରାର୍ଥୀଙ୍କ ଭୋଟଗଣତି ଆରମ୍ଭ ହୋଇଥିଲା। ଏଥିରେ ୮ ଜଣଙ୍କ ମଧ୍ୟରୁ ଶ୍ରେଷ୍ଠ ଭୋଟ୍ ପାଇଥିବା ୭ ଜଣଙ୍କ ମଧ୍ୟରୁ ଭୋଳାନାଥ ପଟ୍ଟନାୟକ, ଡି. ଶେଷଗିରି ରାଓ,



ରାଜେଶ କୁମାର ତ୍ରିପାଠୀ, ରେଖା ବାଇ, ରୋଜମେରୀ ନାୟକ, ସଚ୍ଚିନ କୁମାର ପାଢ଼ୀ, ତାରିଣୀ ପାଣିଗ୍ରାହୀ ଅଧିକ ଭୋଟ୍ ପାଇ ବିଜୟୀ ହୋଇଥିଲେ। ସେହିପରି କୋଷାଧ୍ୟକ୍ଷ ପଦରେ ସହଦେବ ପଟ୍ଟନାୟକ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱି ଭି. ରାମାନୁଜ ପ୍ରସାଦଙ୍କଠାରୁ ୧୧୦ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ବିଜେତା ଶ୍ରୀ ପଟ୍ଟନାୟକ ୨୭୫ ଖଣ୍ଡ ଭୋଟ୍ ପାଇଥିବାବେଳେ ପରାସ୍ତ ପ୍ରାର୍ଥୀ ଭି. ରାମାନୁଜ ୧୬୫ ଖଣ୍ଡ ଭୋଟ୍ ପାଇଥିଲେ। ଉପସଭାପତି ପଦରେ ସତ୍ୟବ୍ରତ ପାଢ଼ୀ ୨୪୨ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି ଏବଂ ତାଙ୍କର ନିକଟତମ ପ୍ରାର୍ଥୀ ଗୋକୁଳ କୁମାର ସୂର୍ଯ୍ୟ ୨୦୫ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ଜିଲ୍ଲା ନିର୍ବାଚନ ପରିଚାଳନାର ମୁଖ୍ୟ ନିର୍ବାଚନ ଅଧିକାରୀ ଶଶାନନ୍ଦ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ଏହି ନିର୍ବାଚନ ଭୋଟଦାନ ଓ ଗଣତି ଆୟୋଜିତ ହେବା ପରେ ଶେଷରେ ଘୋଷଣା କରାଯାଇଥିଲା। ଏହି ନିର୍ବାଚନ ପାଇଁ ବାର୍ କାଉନସିଲର ଅଧ୍ୟକ୍ଷଙ୍କ ଦ୍ୱାରା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଥିବା ଆଇନଜୀବୀ ତଥା ରାଜ୍ୟ ବାର୍ କାଉନସିଲର ସଦସ୍ୟ ପି. ରମେଶ ପାତ୍ର ଉପସ୍ଥିତ ଥିଲେ। ସେହିପରି ନିର୍ବାଚନ ପରିଚାଳନାରେ ଆଇନଜୀବୀ ଦିନେଶ ନନ୍ଦ, ସୁଧାଂଶୁ ମିଶ୍ର, ଲାଲୁ ଷଡ଼ଙ୍ଗୀ, ଜ୍ୟୋତି ରଞ୍ଜନ ପୂଜାରୀ, ଆରତି ମହାନ୍ତି, ଗୋପବନ୍ଧୁ ସାନ୍ତ୍ରା ପ୍ରମୁଖ ସହାୟତା କରିଥିଲେ। ଏଥିରେ ଜିଲ୍ଲା ଆଇନଜୀବୀ ସଂଘର ବରିଷ୍ଠ ସଦସ୍ୟ ତଥା ଦୀର୍ଘ ୬୦ ବର୍ଷ ଆଇନଜୀବୀ ଭାବେ କାର୍ଯ୍ୟରତ ଥିବା ୯୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ନରସିଂହ ପଟ୍ଟନାୟକ ଏବଂ ୫୬ ବର୍ଷ ଆଇନଜୀବୀ ଭାବେ କାର୍ଯ୍ୟ କରିଥିବା ୮୪ ବର୍ଷ ବୟସ୍କ ଲକ୍ଷ୍ମୀକାନ୍ତ ପଣ୍ଡା ଏହି ଅବସରରେ ଭୋଟଦାନ କରି ଚର୍ଚ୍ଚିତ ରହିଥିଲେ। ସୂଚନାଯୋଗ୍ୟ, ଏହି ନିର୍ବାଚନରେ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ଯୁଗ୍ମ ସମ୍ପାଦକ ପଦରେ ପି. ସନ୍ୟାସୀ ରାଓ, ସହକାରୀ ସମ୍ପାଦକ ଭାବେ ଅରୁଣ କୁମାର ଖଡ଼ଗରାୟ, ଲାଇବ୍ରେରୀ ସମ୍ପାଦକ ଭାବେ ଗୌରୀ ଚରଣ ଦେବଶର୍ମା, ସହକାରୀ ଲାଇବ୍ରେରୀ ସମ୍ପାଦକ ଭାବେ କାଳୀପ୍ରସାଦ ପୁରୋହିତ ନିର୍ବାଚିତ ହୋଇଥିଲେ।

## ବଜ୍ରପାତ ସଚେତନତା ଶୋଭାଯାତ୍ରା




**ବ୍ରହ୍ମପୁର, ୩୦ ।୩(ସମିସ):** ସ୍ଥାନୀୟ ସିଟି ହାଇସ୍କୁଲ ପକ୍ଷରୁ ଶନିବାର ବଜ୍ରପାତ ସମ୍ପର୍କିତ ଏକ ସଚେତନ ଶୋଭାଯାତ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପନ୍ନଗ ଭୂଷଣ ମାଝି ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଶୋଭାଯାତ୍ରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରୀଷ୍ମଋତୁରେ କାଳବୈଶାଖୀ ତାପ ସମୟରେ ବ୍ରଜପାତରୁ କିଭିଳି ରକ୍ଷା ପାଇବେ ସେନେଇ ଲୋକଙ୍କୁ ସଚେତନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ଏସିସିର ଆର୍ମିର ଚିଫ ଅଫିସର ଗୋପାଳ କୃଷ୍ଣ ମିଶ୍ରଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ପାଇଁ ମୋଦୀ ସରକାରକୁ ପରାସ୍ତ କର: ଅଳିକିଶୋର ପଟ୍ଟନାୟକ




**ବ୍ରହ୍ମପୁର, ୩୦ ।୩(ସମିସ):** କେନ୍ଦ୍ରର ମୋଦି ସରକାର ବେକାରୀ, ଦରବୃଦ୍ଧି, ଚାଷୀ ଆତ୍ମହତ୍ୟା ଓ ସରକାରୀ ସମ୍ପଦର ଲୁଟ ଭଳି ମୌଳିକ ସମସ୍ୟା ଗୁଡିକର ସମାଧାନ କରିବାରେ ଗତ ଦଶ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଧର୍ମ ନାମରେ ରାଜନୀତି କରି ପୁଣି କ୍ଷମତାକୁ ଆସିବା ପାଇଁ ଯୋଜନା ବିଫଳ ହେବା ଆଶଙ୍କା କରି ବିରୋଧୀଙ୍କ ଉପରେ ଆକ୍ରମଣ ଆରମ୍ଭ କରିଛି। ନୈତିକତା ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ମୋଦୀ ବିରୋଧୀ ଦଳ ସରକାରକୁ ଭାଙ୍ଗିବା, ବିରୋଧୀ ଦଳର ପ୍ରମୁଖ ନେତାଙ୍କୁ ପ୍ରଲୋଭନ କିମ୍ବା ଧମକ ଦେଇ ନିଜ ଦଳକୁ ଆଣିବାଭଳି ଅନୈତିକ କାର୍ଯ୍ୟ କରିଚାଲିଛି। ଏପରିକି ବିରୋଧୀ ଦଳର ସରକାରଙ୍କୁ ବଦନାମ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କରାଯାଉଛି। ବିରୋଧୀ ଦଳର ମୁଖ୍ୟମନ୍ତ୍ରୀ ମାନଙ୍କୁ ବଦନାମ କରିବା ପାଇଁ ମିଥ୍ୟା ମକଦ୍ଦମା ରୁଜୁ କରାଯାଇଛି। ସମ୍ବିଧାନ, ଗଣତନ୍ତ୍ର, ବିଚାର ବିଭାଗକୁ ଉପେକ୍ଷା କରି କ୍ଷମତାସୀନ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରି ଜେଲରେ ଅଟକ କରି ରଖିଛନ୍ତି। ପୁଣିଥରେ କ୍ଷମତାକୁ ଆସିବା ପାଇଁ ନୀତି ନୈତିକତାକୁ ଜଳାଞ୍ଜଳି ଦେଇ ଏକଛତ୍ର ଶାସନ ଜାରି ରଖିଛନ୍ତି। ଏହାର ଦୃଢ଼ ପ୍ରତିବାଦ କରିବାକୁ ହେବ। ଗଣତନ୍ତ୍ର ଓ ସମ୍ବିଧାନ ଓ ସ୍ୱାଧୀନତାର ସୁରକ୍ଷା ପାଇଁ ମୋଦି ସରକାରକୁ ପରାସ୍ତ କରିବା ପାଇଁ ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡଠାରେ ଆୟୋଜିତ ଏକ ସଭାରେ ସିପିଏମସର ରାଜ୍ୟ ସମ୍ପାଦକ ଅଳିକିଶୋର ପଟ୍ଟନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଶିଷ କାନୁନଗୋ, କଂଗ୍ରେସ ନେତା ଦୀପକ ପଟ୍ଟନାୟକ, ଆପ ନେତା ଆଦିତ୍ୟ ରଥ, ସିପିଆଇ ନେତା ପ୍ରଦୀପ ସେଠି, ଚାଷୀ ନେତା ହରିକୃଷ୍ଣ ରେଡି ପ୍ରମୁଖ ଉପସ୍ଥିତ ଥିଲେ।

### ମହୁଡ଼ା ଜୁନା ମହାନ୍ତି ହତ୍ୟା ମାମଲା

# ଦୋଷୀକୁ ଆଜୀବନ ଓ ୭୦ ହଜାର ଜରିମାନା

**ବ୍ରହ୍ମପୁର, ୩୦ ।୩(ସମିସ)**

ବହୁ ଚର୍ଚ୍ଚିତ ମହୁଡା 'ଜୁନା ମହାନ୍ତି' ହତ୍ୟାକାଣ୍ଡ ଘଟଣାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ଦିର୍ଘ ଦେଢ ବର୍ଷର ବିଚାରଣା ପରେ ଶନିବାର ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ) ରାଜ କୁମାର ଦାଶଙ୍କ କୋର୍ଟରେ ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ବିଚାରଣା ସମୟରେ ମୋଟ ୨୭ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିବା ବେଳେ ପୁଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ ଓ ତଥ୍ୟ ସମେତ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି କୋର୍ଟ ଅଭିଯୁକ୍ତ ରବୀନ୍ଦ୍ର କୁମାର ନାହକ ଓରଫ୍ ରବୀନ୍ଦ୍ରକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ଅଭିଯୁକ୍ତ ରବୀନ୍ଦ୍ରକୁ ଦୁଇଟି ଦଫାରେ ୭୦ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିବା ସରକାରୀ ଓକିଲ ରଜତ କୁମାର ଦାଶ ସୂଚନା ଦେଇଛନ୍ତି।

ସେହିଭଳି ଜରିମାନା ଅର୍ଥ ଅନାଦେୟ ଅଧିକ ୨ବର୍ଷ ୩ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ସୂଚନା ଯୋଗ୍ୟ ଯେ' ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡା ଗ୍ରାମର ନୂଆସାହି ନିବାସୀ ଜୁନା ମହାନ୍ତି(୫୫) ଓ ତାଙ୍କ ପଡୋଶୀ ରବୀନ୍ଦ୍ର କୁମାର ନାହକଙ୍କ ପରିବାର ମଧ୍ୟରେ ଜମିଜମାକୁ କେନ୍ଦ୍ର କରି ଦିର୍ଘ ବର୍ଷ ଧରି ଗଣ୍ଡଗୋଳ ଲାଗି ରହିଥିଲା। ତେବେ ୨୦୨୧ମସିହା ନଭେମ୍ବର ୨୨ତାରିଖ ରାତିରେ ଏହି ପୂର୍ବ ବିବାଦ ଉଗ୍ରରୁପ ଧାରଣ କରିଥିଲା। ପ୍ରଥମେ ବଚସା ଓ ପରେ ରବୀନ୍ଦ୍ର ଓ ତାଙ୍କ ପରିବାର ଲୋକେ ମିଶି ଜୁନା ମହାନ୍ତିଙ୍କୁ ତାଙ୍କ ଘର ବାରଣ୍ଡାରେ ମରଣାନ୍ତକ ଆକ୍ରମଣ କରି ହତ୍ୟା କରିଥିବା ନେଇ ମୃତ ଜୁନା ମହାନ୍ତିଙ୍କ ଭଉଣୀ ଦିଗପହଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଘଟଣାର ତଦନ୍ତ କରି ପୁଲିସ ଅଭିଯୁକ୍ତ ରବୀନ୍ଦ୍ର କୁମାର ନାହାକ ଓରଫ୍ ରବୀନ୍ଦ୍ରକୁ ଘଟଣାର ୫ଦିନ ପରେ ଅର୍ଥାତ୍ ୨୭ତାରିଖରେ ଗିରଫ କରି କୋର୍ଟଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ବସନ୍ତ କୁମାର ସେଠୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଗିରଫ ପରଠାରୁ ଅଭିଯୁକ୍ତ ବ୍ରହ୍ମପୁର ଜେଲରେ ବିଚାରାଧିନ ବନ୍ଦୀ ଭାବେ ରହିଆସିଛି। ରାୟ ପ୍ରକାଶ ବେଳେ ଅଭିଯୁକ୍ତ ରବୀନ୍ଦ୍ର ନାହକକୁ କଡା ସୁରକ୍ଷା ମଧ୍ୟରେ କୋର୍ଟରେ ହାଜର କରାଯାଇଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ରଜତ କୁମାର ଦାଶ ମକଦ୍ଦମା ପରିଚାଳନା କରୁଥିଲେ।

**ଜମିଜମା ଗଣ୍ଡଗୋଳରୁ ପଡ଼ୋଶୀ ମହିଳାଙ୍କୁ କରାଯାଇଥିଲା ବୀଭତ୍ସ ହତ୍ୟା**

**ସକାଳ ପ୍ରଭାବ**

### ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଔଷଧ ଆଣିବାକୁ କୁହାଯିବା ଘଟଣା

## ତଦନ୍ତ ପାଇଁ ଏସ୍‌ଡିଭିଓଙ୍କୁ ନିର୍ଦ୍ଦେଶ ଦେଲେ ସିଡିଭିଓ

**ବ୍ରହ୍ମପୁର, ୩୦ ।୩(ସମିସ)**

ପୋଷା ଅଥବା ବୁଲା ପ୍ରାଣୀଙ୍କ ଚିକିତ୍ସା ପାଇଁ ଆସୁଥିବା ପଶୁପକ୍ଷୀଙ୍କ ମାଲିକ ତଥା ପଶୁପ୍ରେମୀଙ୍କୁ ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଔଷଧ କ୍ରୟ କରିବାକୁ ବାଧ କରାଯାଉଥିବା ଭଳି ଅଭିଯୋଗର ତଦନ୍ତ ପାଇଁ ନିର୍ଦ୍ଦେଶ ହୋଇଛି। ସେପଟେ ସରକାରୀ ଭାବେ ଯୋଗାଣ ହେଉଥିବା ଔଷଧଗୁଡିକର ସଠିକ ବିନିଯୋଗ ହେଉଛି କି ନାହିଁ ତାହାର ମଧ ତଦନ୍ତ କରାଯିବ ବୋଲି ଜଣାପଡ଼ିଛି। ଏନେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ମନୋଜ ସାହୁ ବ୍ରହ୍ମପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଅରବିନ୍ଦ ବେହେରାଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି। ଚିକିତ୍ସାଳୟକୁ ଆସୁଥିବା ପଶୁପ୍ରେମୀ ତଥା ପଶୁପକ୍ଷୀଙ୍କ ମାଲିକଙ୍କୁ ଏଠାରେ କାର୍ଯ୍ୟରତ ପ୍ରଣୀଚିକିତ୍ସକ ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଔଷଧ କ୍ରୟ କରିବାକୁ ବାଧ କରୁଥିବା ନେଇ ଅଭିଯୋଗ ରହିଥିଲା। ଏନେଇ ଦୈନିକ ଖବର କାଗଜ 'ସକାଳ'ରେ ଏକ ଖବର ପ୍ରକାଶ ପାଇଥିଲା। ଏହି ଘଟଣା ସମ୍ପର୍କରେ ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ଼. ମନୋଜ ସାହୁଙ୍କ ନଜରକୁ ଆସିବା ପରେ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ସେ ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏଭଳି ଘଟଣାରେ ଆଉ କାହାର ହାତ ରହିଛି ଏବଂ ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଔଷଧ ଆଣିବାକୁ କୁହାଯାଉଥିବା ପଛର ରହସ୍ୟ କଣ ତାହାର ଖୋଳତାଡ କରାଯିବ। ସୂଚନାଯୋଗ୍ୟ ଯେ, ଚଳିତ ମାସ ୨୭ତାରିଖ ଲାଞ୍ଜିପଲ୍ଲୀର ପଶୁପ୍ରେମୀ ନିହାର ପଣ୍ଡା ଏକ ଅସୁସ୍ଥ ବୁଲା କୁକୁରକୁ ଚିକିତ୍ସା ନିମନ୍ତେ ପଶୁ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଉପସ୍ଥିତ ଥିବା ପ୍ରାଣୀଚିକିତ୍ସକ ପ୍ରଥମେ ଅସୁସ୍ଥ କୁକୁରଟିକୁ ଚିକିତ୍ସା କରିବାକୁ ଅମଙ୍ଗ ହୋଇଥିଲେ। ପରେ କୁକୁରଟିର ଶରୀରରେ ଷ୍ଟୋନ ଥିବା ଜାଣିବା ପରେ ଏହାର ଅସ୍ତ୍ରୋପଚାର ନିମନ୍ତେ ପଶୁପ୍ରେମୀ ନିହାରଙ୍କୁ ପ୍ରାଣୀ ଚିକିତ୍ସକ ଜଣକ ପରାମର୍ଶ ଦେଇଥିଲେ। ଏଥିପାଇଁ କିଛି ଔଷଧ ଓ ଅସ୍ତ୍ରୋପଚାର ସାମଗ୍ରୀ ଆବଶ୍ୟକ ରହିଥିବା ଦର୍ଶାଇ ସେସବୁ ମିଲିଟାରୀ ଲାଇନ୍ ନିକଟରେ ଥିବା ଏକ ନିର୍ଦ୍ଦିଷ୍ଟ ଦୋକାନରୁ ଔଷଧ ଆଣିବାକୁ ବାଧ କରିଥିଲେ। ପଶୁପ୍ରେମୀ ଜଣକ ଏହାକୁ ବିରୋଧ କରିବାରୁ ପ୍ରାଣୀ ଚିକିତ୍ସକ ଜଣକ ବିଭିନ୍ନ କାରଣ ଦର୍ଶାଇ ଉକ୍ତ ଦୋକାନରୁ ଔଷଧ ଆଣିବାକୁ କହିଥିଲେ। ଶେଷରେ ପଶୁପ୍ରେମୀ ଜଣକ ବାଧ ହୋଇ ଅସ୍ତ୍ରୋପଚାର ପାଇଁ ଆବଶ୍ୟକ କିଛି ସାମଗ୍ରୀ ଉକ୍ତ ଔଷଧ ଦୋକାନରୁ ଆଣିଥିବା ବେଳେ ଅବଶିଷ୍ଟ ଅନ୍ୟ ଏକ ଔଷଧ ଦୋକାନରୁ କ୍ରୟ କରିଥିଲେ। ପରେ କୁକୁରଟିର ଅସ୍ତ୍ରୋପଚାର ହୋଇଥିଲା। ପ୍ରାଣୀ ଚିକିତ୍ସାଳୟରେ ଏଭଳି ସମସ୍ୟାକୁ ନେଇ ପଶୁପ୍ରେମୀ ନିହାର ଅଭିଯୋଗ ଆଣିଥିଲେ। ତେବେ ଘଟଣାର ତଦନ୍ତ ପାଇଁ ଯଦିଓ ନିର୍ଦ୍ଦେଶ ଦିଆଯାଇଛି ଏହାର ତଦନ୍ତ ରିପୋର୍ଟ କେବେ ଆସୁଛି ଓ ସତ୍ୟାସତ୍ୟ ଜଣାପଡ଼ିବା ପରେ ଦୋଷୀଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଉପରେ ରହିଛି ସମସ୍ତଙ୍କ ନଜର।

## ନିର୍ବାଚନ ପୂର୍ବରୁ ବ୍ରହ୍ମପୁର ପୁଲିସର ସତର୍କତାମୂଳକ ପଦକ୍ଷେପ

**ବ୍ରହ୍ମପୁର, ୩୦ ।୩(ସମିସ):** ଅପରାଧୀଙ୍କ ପାଇଁ କଠୋର ହେବ ବ୍ରହ୍ମପୁର ପୁଲିସ। ନିଶା ହେଉ ଅଥବା ବନ୍ଧୁକ କାରବାର। ସବୁ ଅପରାଧିଙ୍କୁ ସାବାଡ଼ କରିବ ପୁଲିସ। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପୁଲିସର ଫୋକସରେ ରହିଛି ବିସ୍ଫୋରକ ସାମଗ୍ରୀ ଏବଂ ଚୋରା ବନ୍ଧୁକ କାରବାର। ନିର୍ବାଚନବେଳେ ଅପରାଧୀମାନେ ଦାଦାବଟି ମାଗିବା ପାଇଁ ରାଜନେତାଙ୍କ ଘରକୁ ବୋମାମାଡ଼, ଗୁଳିମାଡ଼ କରିବାର ଆଶଙ୍କା ରହିଛି। ଯାହା ପୂର୍ବରୁ ନଜିର ରହିଛି। ତେଣୁ ପୁଲିସ ବାଣପ୍ରସ୍ତୁତ ହେଉଥିବା ସ୍ଥଳ, ବିସ୍ଫୋରକ ସାମଗ୍ରୀ ଗଚ୍ଛିତ ଥିବା ଗୋଦାମ ଘର ଏବଂ ବନ୍ଧୁକ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଖବରିଙ୍କ ମାଧ୍ୟମରେ ଚିହ୍ନଟ କରୁଛି। ସନ୍ଦିଗ୍ଧ ସ୍ଥଳ ଉପରେ ଚଢାଉ କରି ସେମାନଙ୍କୁ ଗିରଫ କରିବାକୁ ଯୋଜନା ରଖିଛି। ନିର୍ବାଚନ ସମୟରେ ବୋମାମାଡ ଭଳି ଘଟଣା ଘଟାଇ ଶାନ୍ତିଭଙ୍ଗ କରିବାର ଆଶଙ୍କା ମଧ୍ୟ ରହିଥାଏ। ସହର ଉପକଣ୍ଠରେ ବିଭିନ୍ନ ସ୍ଥାନରେ ବୋମା ପ୍ରସ୍ତୁତ ପାଇଁ ଆବଶ୍ୟକ ସରଞ୍ଜାମ ଯୋଗାଡ କରାଯାଉଥିବା ନେଇ ସୂଚନା ମିଳୁଛି। ନିକଟ ଅତୀତରେ ଏକାଧିକ ଅପରାଧିଙ୍କୁ ଗିରଫ କରାଯାଇ ସେମାନଙ୍କ ଠାରୁ ବୋମା ଓ ଖଣ୍ଡା ଭଳି ମାରଣାସ୍ତ୍ରକୁ ମଧ୍ୟ ପୁଲିସ ଜବତ କରିଛି। ବଡ଼ବଜାର, ନିମଖଣ୍ଡି, ଯୋଗିଆପଲ୍ଲୀ, ଶ୍ରୀରାମନଗର, ପ୍ରହଲ୍ଲାଦନଗର, ଦିଗପହଣ୍ଡି, ପିତାତଳି, ଗୋଳନ୍ଥରା ଥାନା ଓ କେ.ନୁଆଗାଁ ଥାନା ଅଞ୍ଚଳରୁ ଅପରାଧିଙ୍କ ଠାରୁ ବହୁ ବିସ୍ଫୋରକ ସାମଗ୍ରୀ ଓ ମାରଣାସ୍ତ୍ର ଜବତ କରାଯାଇଛି। କେବଳ ଜାନୁଆରୀ ମାସରେ ଦୁଇଟି ବନ୍ଧୁକ ଜବତ ହୋଇଥିବା ବ୍ରହ୍ମପୁର ଏସପି କହିଛନ୍ତି। ଉପକଣ୍ଠରେ ବାଣ କାରଖାନା ଉପରେ ପୁଲିସ ତୀକ୍ଷ୍ଣ ନଜର ରଖିଛି। ନିର୍ବାଚନ ପୂର୍ବରୁ ଆଇନଶୃଙ୍ଖଳା ସହିତ ଶାନ୍ତି ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇ ସମସ୍ତ ଥାନା ଅଧିକାରୀଙ୍କୁ ନିଜ ଅଞ୍ଚଳରେ ବାଣ ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ଯେଭଳି କୌଣସି ଘଟଣାର ପୁନରାବୃତ୍ତି ନହୁଏ ସେଥିପ୍ରତି ଗୁରୁତ୍ୱ ଦେଇଛନ୍ତି ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ।

**ଫୋକସରେ ବିସ୍ଫୋରକ ସାମଗ୍ରୀ ଏବଂ ଚୋରା ବନ୍ଧୁକ କାରବାର**

## ଚାଲିଛି ଆଇପିଏଲ୍ : ସକ୍ରିୟ ହେଲାଣି ମାଲମାଲ ବେଆଇନ୍ ଆପ୍ଲିକେସନ୍

**ବ୍ରହ୍ମପୁର, ୩୦ ।୩(ସମିସ):** ଏବେ ଚାଲିଛି ଭାରତୀୟ ଘରୋଇ କ୍ରିକେଟର ମହାକୁମ୍ଭ, ଇଣ୍ଡିଆନ ପ୍ରିମିୟର ଲିଗ୍ ତଥା ଆଇପିଏଲ। ବିଶ୍ୱର ସମସ୍ତ ପେଷାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗୁଡିକ ଭିତରେ ଆଇପିଏଲ ପ୍ରତି କ୍ରିକେଟପ୍ରେମୀଙ୍କ ଉତ୍କଣ୍ଠା ଅଧିକ ରହିଛି। ସହରର ଅନେକ ଯୁବପିଢ଼ି ଖେଳ ଆରମ୍ଭ ଦିନରୁ ବେଟିଂ ଆରମ୍ଭ କରିସାରିଲେଣି। ବେଟିଂରେ ଟଙ୍କା ବଦଳରେ ରେଷ୍ଟୁରାଣ୍ଟରେ ଆମିଷ ଟ୍ରିଟ୍ ଦେବା ପାଇଁ ବାଜି ମାରୁଛନ୍ତି। ଏହି ଖେଳରେ ଅନେକ ଯୁବକ ଲକ୍ଷାଧିକ ଟଙ୍କା ବେଟ ମାରୁଥିବା ପୂର୍ବରୁ ନଜିର ରହିଛି। ଯାହାକୁ ନେଇ ବ୍ରହ୍ମପୁର ପୁଲିସ ଆଗୁଆ ସତର୍କ ରହିଛି। ମାଲମାଲ ବେଆଇନ ଆପ୍ଲିକେସନ ଉପରେ ନଜର ରଖିଛି ପୁଲିସ। ଆଇପିଏଲର ବେଟିଂ କାରବାର ବ୍ରହ୍ମପୁର ସମେତ ସମଗ୍ର ଗଞ୍ଜାମ ଜିଲ୍ଲାରେ ବହୁବର୍ଷ ଧରି ଚାଲିଆସିଛି। ବିଭିନ୍ନ ତରିକାରେ ବେଟିଂ ହୋଇଥାଏ। ଟଙ୍କା ଦେଣନେଣ ପାଇଁ ଶହଶହ ବେଆଇନ ମୋବାଇଲ ଆପ୍ଲିକେସନ ଉପଲବ୍ଧ ରହିଛି। ଯାହାକି ସିଧାସଳଖ ପ୍ଲେଷ୍ଟୋରରୁ ଡାଉନଲୋଡ ହୁଏନାହିଁ। ଏହି ନକଲି ଆପ୍ଲିକେସନ ଗୁଡିକୁ ଗୁଗଲରୁ ଡାଉନଲୋଡ କରାଯାଉଛି। ଏହି ସବୁର ପରିଚାଳନା ଓ ତଦାରଖ ପାଇଁ ହ୍ୱାଟସଆପ ଏବଂ ଟେଲିଗ୍ରାମ ଆପ୍ଲିକେସନର ବ୍ୟବହାର କରାଯାଉଛି। ହ୍ୱାଟସଆପ ଏବଂ ଟେଲିଗ୍ରାମ ଆପ୍ଲିକେସନରେ ଅନେକ ଗ୍ରୁପ ତିଆରି କରି ଯୁବଗୋଷ୍ଠୀଙ୍କୁ ସାମିଲ କରାଯାଉଛି। ଲୋଭର ବଶବର୍ତ୍ତୀ ହେଉଥିବା ଯୁବପିଢ଼ି ବେଟିଂରେ ସାମିଲ ହେଉଛନ୍ତି। କେହିକେହି ଆଇପିଏଲର ଗୋଟିଏ ସଂସ୍କରଣରେ ଲକ୍ଷପତି ହେଉଥିବା ବେଳେ ଆଉ କେହି ସର୍ବସ୍ୱ ହରାଉଛନ୍ତି। ବେଆଇନ ଆପ୍ଲିକେସନରେ ବିଭିନ୍ନ ଢ଼ଙ୍ଗରେ କାରବାର ଜୋରଦାର ଜାରି ରହିଛି। ଅପରପକ୍ଷେ ମୋବାଇଲ କଲ ଜରିଆରେ ସହରରେ ଚାଲିଛି ଆଇପିଏଲ ବେଟିଂ। ମ୍ୟାଚ ପୂର୍ବରୁ ଯେଉଁ ଦଳ ଉପରେ ବାଜି ଲଗାଇବାକୁ ପଡେ ସେଥି ନିମନ୍ତେ ୟୁପିଆଇ ଜରିଆରେ ଟଙ୍କା ଅଗ୍ରୀମ ଆକାରରେ ଦେବାକୁ ହୋଇଥାଏ। ଅନେକ କଲେଜ ଛାତ୍ରଛାତ୍ରୀ ଏବେ ବେଟିଂ ଜାଲରେ ଛନ୍ଦି ହୋଇଯାଇଛନ୍ତି। ସଟ୍ଟା ବଜାରରେ ପ୍ରବେଶ ସହ ସର୍ବସ୍ୱ ହରାଇ ବିପଥଗାମୀ ହେଉଛନ୍ତି। ବିଭିନ୍ନ ନେଟୱର୍କ ବ୍ୟବସ୍ଥାରେ ଏହି ଖେଳ ପରିଚାଳିତ ହୋଇଥାଏ। ପୁଲିସ ପ୍ରଶାସନ ପକ୍ଷରୁ ବି ସଟ୍ଟା ବଜାର ଏବଂ ଖେଳ ପରିଚାଳନା କରୁଥିବା ଗୋଷ୍ଠୀଙ୍କ ଉପରେ କଡ଼ା ନଜର ରହିଥାଏ। ପୂର୍ବରୁ ଏଭଳି ମାୟାଜାଲ ବିଛାଇଥିବା କିଛି ଦୁର୍ବୃତ୍ତଙ୍କୁ ପୁଲିସ ବାନ୍ଧିବାରେ ସଫଳ ହୋଇଥିଲା। ଚଳିତ ବର୍ଷ ସାଧାରଣ ନିର୍ବାଚନ ଥିବାରୁ ପୁଲିସ ପ୍ରଶାସନ ନିର୍ବାଚନକୁ କିଭଳି ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବ ସେଥିରେ ବ୍ୟସ୍ତ ରହିଛି। ପୁଲିସର ବ୍ୟସ୍ତତା ଭିତରେ ସଟ୍ଟା ପାଇଁ ମାୟାଜାଲ ବିଛାଇଥିବା ଗୋଷ୍ଠୀ ଅଧିକ ସକ୍ରିୟ ହୋଇଛନ୍ତି। ଏହା ସତ୍ତ୍ୱେ ପୁଲିସ ପ୍ରଶାସନ ଏକ୍ଷେତ୍ରରେ ସଜାଗ ଥିବା ଜଣାପଡ଼ିଛି।

### ସହରରେ କେବେ ଖୋଲିବ ଜଳଛତ୍ର?

# ବଢୁଛି ତାତି; ପାଣି ପାଇଁ ଡହଳବିକଳ ବାଟୋଇ

**ବ୍ରହ୍ମପୁର, ୩୦ ।୩(ସମିସ)**





ଏବେଠୁ ଅସହ୍ୟ କଲାଣି ତାତି। ଏଭଳି ପରିସ୍ଥିତିରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବୁଲା ପଶୁପକ୍ଷୀଙ୍କ ପର୍ଯ୍ୟନ୍ତ ସମସ୍ତେ ଅସ୍ତବ୍ୟସ୍ତ ହେଲେଣି। ବିଶେଷକରି ବ୍ରହ୍ମପୁର ସହରକୁ ପ୍ରତ୍ୟହ ଦୂରଦୂରାନ୍ତରୁ ବିଭିନ୍ନ କାମରେ ଆସୁଥିବା ଲୋକଙ୍କ ପାଇଁ କୌଣସି ସ୍ଥାନରେ ଜଳଛତ୍ରଟିଏ ଖୋଲାଯାଇନଥିବା ସାଧାରଣରେ ଆଶ୍ଚର୍ଯ୍ୟ କରିଛି। ଏଭଳି ସମସ୍ୟାରୁ ବାଦ ପଡ଼ିନାହାନ୍ତି ବୁଲା ପଶୁପକ୍ଷୀ। ଶନିବାର ସହରର ତାପମାତ୍ରା ୩୭ଡିଗ୍ରୀ ସେଲସିୟସ ଛୁଇଁଛି। ଆଗକୁ ତାତି ଆହୁରି ବଢ଼ିବା ସହିତ ପରିସ୍ଥିତି ଜଟିଳ ହେବାର ଆଶଙ୍କା ସୃଷ୍ଟି ହୋଇଥିବାରୁ ସାଧାରଣରେ ଚିନ୍ତା ବଢ଼ିବାରେ ଲାଗିଛି। ସାମ୍ଭାବ୍ୟ ଗ୍ରୀଷ୍ମପ୍ରବାହର ମୁକାବିଲା ପାଇଁ ରାଜ୍ୟ ଓ ଜିଲ୍ଲାସ୍ତରରେ ପ୍ରସ୍ତୁତି ବୈଠକ ହୋଇଛି। ଏଥିରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ହାତକୁ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ୍ଓାର୍ଚ୍ଚ ୨ତାରିଖରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହେବା ସହ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ନିର୍ଦ୍ଦେଶକୁ କଡାକଡି ପାଳନ କରିବାକୁ କୁହାଯାଇଥିଲା। ପରେ ଚଳିତ ମାସ ୧୬ତାରିଖରେ ପୁଣି ଅତିରିକ୍ତ ଜିଲ୍ଲାପାଳଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ହିଞ୍ଜିଳିକାଟୁ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କୁ ସ୍ୱତନ୍ତ୍ର ଚିଠି ଲେଖାଯାଇ ସହରରେ ବିଭିନ୍ନ ଜନ ସମାଗମ ସ୍ଥଳୀ ଯଥା ବସଷ୍ଟାଣ୍ଡ, ବସଷ୍ଟପ ଆଦି ସ୍ଥାନରେ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶନାମାକୁ ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ଆଦୌ କାର୍ଯ୍ୟକାରୀ କରିନଥିବା ଦେଖିବାକୁ ମିଳିଛି। ସହରରେ ଗତବର୍ଷ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସାନବଜାର, ବଡ଼ବଜାର, ଲାଞ୍ଜିପଲ୍ଲୀ ଓ ଆସ୍କାରୋଡ଼ ଆଦି ଅଞ୍ଚଳରେ ଜଳଛତ୍ର ଖୋଲା ଯାଇଥିଲା। ଏବଂ ବିନାୟକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଏସବୁର ଦାୟିତ୍ୱ ଦିଆଯାଇଥିଲା। ପ୍ରତି ଜଳଛତ୍ର କାଉଣ୍ଟରର ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ ୧୧ହଜାର ୫୦୦ଟଙ୍କା ପ୍ରଦାନ କରାଯାଇଥିଲା। କିନ୍ତୁ ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସହରରେ କୌଣସି ସ୍ଥାନରେ ମଧ୍ୟ ଗୋଟିଏ ହେଲେ ଜଳଛତ୍ର ବା ପାନୀୟ ଜଳ ସେବା କେନ୍ଦ୍ର ଖୋଲାଯାଇନଥିବା ଜଣାପଡ଼ିଛି। ତେଣୁ ବର୍ତ୍ତମାନର ସ୍ଥିତି ତଥା ଆଗାମୀ ଦିନର ସାମ୍ଭାବ୍ୟ ରୌଦ୍ରତାପକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ କର୍ତ୍ତୃପକ୍ଷ ତୁରନ୍ତ ଜଳଛତ୍ର ପ୍ରତିଷ୍ଠା କରି ଜନସାଧାରଣ ତଥା ବୁଲା ପଶୁପକ୍ଷୀଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି। ତେବେ ଖୁବ୍‌ଶୀଘ୍ର ସହରରେ ବିଭିନ୍ନ ସ୍ଥାନରେ ବିଏମସି ପକ୍ଷରୁ ଜଳଛତ୍ର ପ୍ରତିଷ୍ଠା କରାଯିବା ସହ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କୁ ଏଦିଗରେ ଆଗେଇ ଆସିବାକୁ କୁହାଯିବ ବୋଲି କହିଛନ୍ତି ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର।

**ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ବିଏମ୍‌ସିର ବେଖାତିର !**

## କଂଗ୍ରେସ ନେତା ଲିଙ୍ଗରାଜ ଚୌଧୁରୀଙ୍କ ପରଲୋକ

**ବ୍ରହ୍ମପୁର, ୩୦ ।୩(ସମିସ):** ସ୍ଥାନୀୟ ଗୋଷାଣୀନୂଆଗାଁ ମୁଖ୍ୟ ରାସ୍ତା ନିବାସୀ ଲିଙ୍ଗରାଜ ଚୌଧୁରୀଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୫୫ବର୍ଷ ବୟସ ହୋଇଥିଲା। କିଛି ଦିନ ହେବ ସେ ଅସୁସ୍ଥ ଥିଲେ। ଦିଲ୍ଲୀର ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ରାତିରେ ସ୍ୱର୍ଗତ ଚୌଧୁରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ଲିଙ୍ଗରାଜ ପାଣିଗ୍ରାହି ଗତ ସାଧାରଣ ନିର୍ବାଚନରେ ବ୍ରହ୍ମପୁର ବିଧାନସଭାରୁ କଂଗ୍ରେସର ପ୍ରାର୍ଥୀ ହୋଇଥିଲେ। ସେ ଜଣେ ମେଳାପୀ, ପରପୋକାରୀ ବ୍ୟକ୍ତିବିଶେଷ ଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ଏନେଇ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ଶୋକସଭା ଆୟୋଜିତ ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି(ପୂର୍ବ) ସଭାପତି ଶ୍ରୀ ଦୀପକ ପଟ୍ଟନାୟକଙ୍କ ଉପସ୍ଥିତିରେ ନିରବ ପ୍ରାର୍ଥନା କରାଯିଥିଲା। ଗୋଷାଣୀ ନୂଆଗାଁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାତା ଗୋବିନ୍ଦ ଚୌଧୁରୀଙ୍କ ସେ ନାତି ହେଉଛନ୍ତି ଲିଙ୍ଗରାଜ ଚୌଧୁରୀ। ତାଙ୍କ ବିୟୋଗ କଂଗ୍ରେସ ଦଳ ସମେତ ବ୍ରହ୍ମପୁର ପାଇଁ ଅପୂରଣୀୟ କ୍ଷତି ବୋଲି ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ସଭାପତି ପୀତବାସ ପଣ୍ଡା କହିଛନ୍ତି।





